
ଧରିତ୍ରୀ
DHARITRI
April 28- May 4, 2024 ₹ 2/-

ଧରିତ୍ରୀ 50 Years

# ଛୁଟିଦିନ



# ରାସ୍ତାକଡ଼ରୁ ଗ୍ଲାମର୍ ଦୁନିଆ

ଦିନେ ଏମାନେ ଥିଲେ
ରାସ୍ତାକଡ଼ର ମଣିଷ ।
ପେଟପାଟଣା ଚିନ୍ତାରେ କଟୁଥିଲା
ସେମାନଙ୍କ ଦିନ। ହେଲେ
ହଠାତ୍ କେହି ଜଣେ ଆସି ହାତ
ଧରି ଟାଣି ନେଲେ ଏମାନଙ୍କୁ
ଦାରିଦ୍ର୍ୟର ଅନ୍ଧକାର ଗଳି
ଭିତରୁ । ଆଉ ସଜାଇ ଦେଲେ
ଗ୍ଲାମର୍ ଦୁନିଆର ଗୋଟେ
ଗୋଟେ ତାରକା...

**ପ୍ରଚ୍ଛଦ ପ୍ରସଙ୍ଗ**

୩

## ଘରେ କେଉଁ ଫଟୋ ଲଗାଇବେ ନାହିଁ

**ଘରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଅନେକେ କାନ୍ଥରେ ସୁନ୍ଦର ଫଟୋମାନ ଲଗାଇଥାନ୍ତି କିନ୍ତୁ ଏହି ଫଟୋ ଲଗାଇବାକୁ ନେଇ ମଧ୍ୟ ବାସ୍ତୁଶାସ୍ତ୍ରରେ କିଛିଟା ନିୟମ ରହିଛି। ଯେମିତିକି:**

* ବାସ୍ତୁଶାସ୍ତ୍ର ଅନୁଯାୟୀ, ନଟରାଜ ମୂର୍ତ୍ତି ହେଉ ଅବା ଫଟୋକୁ ଘରେ ରଖିବା ଠିକ୍ ନୁହେଁ। କାରଣ ଏଥିରେ ଭଗବାନ ଶିବଙ୍କର ତାଣ୍ଡବ ମୁଦ୍ରା ଦେଖିବାକୁ ମିଳେ; ଯାହାକୁ ବିଧ୍ୱଂସର ପ୍ରତୀକ ବୋଲି କୁହାଯାଏ।

* ପାଣିରେ ବୁଡ଼ି ଯାଉଥିବା ଡଙ୍ଗା କିମ୍ବା ଜାହାଜର ଫଟୋକୁ ମଧ୍ୟ କାନ୍ଥରେ ଲଗାଇବା ଉଚିତ୍ ନୁହେଁ। ଏହା ପ୍ରଗତିରେ ବାଧା ସୃଷ୍ଟି କରେ ବୋଲି ବିଶ୍ୱାସ ରହିଛି।



* ଘରେ ପିଲାମାନଙ୍କର ଫଟୋ ଲଗାଇବା ସୌଭାଗ୍ୟର ସୂଚନା ଦିଏ। ବିଶେଷକରି ନବଦମ୍ପତିଙ୍କ ରୁମ୍‌ରେ ପିଲାଙ୍କ ଫଟୋ ଲଗାଇବା ଶୁଭଫଳ ଦେଇଥାଏ। କିନ୍ତୁ ଭୁଲ୍‌ରେ କେବେ ବି କାନ୍ଦୁଥିବା କିମ୍ବା ରାଗିକି ଚାହୁଁଥିବା ପିଲାର ଫଟୋ ଲଗାଇବେ ନାହିଁ, ଏହା ଦୁର୍ଭାଗ୍ୟକୁ ଡାକି ଆଣିଥାଏ।

* ଗୋଲାପ ଫୁଲ ଦେଖିବାକୁ ଖୁବ୍ ସୁନ୍ଦର। ହେଲେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଗୋଲାପ ଫୁଲକୁ ଯେତିକି ପ୍ରାଧାନ୍ୟ ମିଳେ, ଏହାର ଗଛକୁ କିନ୍ତୁ ସେତିକି ମିଳେନା। କାରଣ ଏଥିରେ କଣ୍ଟା ଥାଏ। ବାସ୍ତୁଶାସ୍ତ୍ରରେ ବି କୁହାଯାଇଛି, ଘରେ ଗୋଲାପ ଫୁଲର ଫଟୋ ଲଗାଇପାରିବେ। କିନ୍ତୁ ଏହାର ଗଛର ଫଟୋକୁ ଲଗାଇବେ ନାହିଁ। କାରଣ ଏଥିରେ ଥିବା କଣ୍ଟା ଘରେ ନକାରାତ୍ମକ ଉର୍ଜ୍ଜା ବୃଦ୍ଧି କରିଥାଏ।

* ବାସ୍ତୁଶାସ୍ତ୍ର ଅନୁଯାୟୀ, ଘରେ ଅସ୍ତ୍ରଶସ୍ତ୍ର କିମ୍ବା ଯୁଦ୍ଧ ସମ୍ବନ୍ଧୀୟ ଫଟୋ ଲଗାଇବା ମଧ୍ୟ ଠିକ୍ ନୁହେଁ। ବିଶେଷକରି ମହାଭାରତ ଯୁଦ୍ଧର ଫଟୋ ଲଗାଇବେ ନାହିଁ। ଏହାଦ୍ୱାରା କୁଆଡ଼େ ଭ୍ରାତୃ ସମ୍ପର୍କରେ ତିକ୍ତତା ଆସିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୨୮ - ମେ ୪

**ମେଷ**
ଶାରୀରିକ ଅସୁସ୍ଥତା, ମାନସିକ କ୍ଲାନ୍ତି, ଆଲୋଚନାରେ ବିଫଳତା, ସନ୍ତାନଙ୍କ ଗୌରବ, ଶୁଭକାର୍ଯ୍ୟକରଣ, ବନ୍ଧୁମିଳନ, ଉଚ୍ଚସମ୍ମାନ ଲାଭ, ନୂତନସମ୍ପର୍କ ସୃଷ୍ଟି, ବନ୍ଧୁଙ୍କ ସହାନୁଭୂତି, ସମସ୍ୟା ସମାଧାନ, ନିର୍ମାଣରେ ବାଧା ।।

**ବୃଷ**
ବୈଷୟିକ ଅଭିବୃଦ୍ଧି, ମିତ୍ରବନ୍ଧୁଙ୍କ ସହଯୋଗ, ସାହିତ୍ୟାନୁରାଗ, ପ୍ରଶାସନିକ ଦ୍ୱନ୍ଦ୍ୱ, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ଅର୍ଥସମ୍ପଦପ୍ରାପ୍ତି, କାମ ଅଟକି ରହିବ, ମାନସିକ ଶାନ୍ତି ବ୍ୟାହତ, ଲୋକସମ୍ପର୍କ ବୃଦ୍ଧି, ବନ୍ଧୁମିଳନ ।।

**ମିଥୁନ**
ଉନ୍ନତ ଚିନ୍ତାଧାରା, ଋଣଗ୍ରସ୍ତ ହେବେ, ନୂତନମିତ୍ରତା ସୃଷ୍ଟି, ବନ୍ଧୁସହଯୋଗ ପାଇବେ, ପଡୋଶୀଙ୍କ ଅସହଯୋଗ, ମିଥ୍ୟା ଅଭିଯୋଗ ଆସିପାରେ, ମାନସିକ ଅବସାଦ, ଆରୋଗ୍ୟ ଲାଭ, ଆନୁଷ୍ଠାନିକ ସଫଳତା ।।

**କର୍କଟ**
ଦୈହିକ ଦୁର୍ବଳତା, ନୂତନ କର୍ମାରମ୍ଭ, ବିବାଦର ସମାଧାନ, ନୂଆ ସମ୍ପର୍କ ଯୋଡିବେ, ବନ୍ଧୁଙ୍କ ବିରୋଧ, କର୍ମଧାରାରେ ପରିବର୍ତ୍ତନ, ପାରିବାରିକ ସହମତି, ବାଣିଜ୍ୟରେ ପ୍ରତିବନ୍ଧକ, ତୀର୍ଥାଟନର ସୁଯୋଗ ।।

**ସିଂହ**
ପଦସ୍ଥବ୍ୟକ୍ତିଙ୍କ ସାନ୍ନିଧ୍ୟ, ସନ୍ତାନଙ୍କ କୃତିତ୍ୱ, ଆର୍ଥିକସ୍ଥିତିରେ ଉନ୍ନତି, ପଡୋଶୀଙ୍କ କଟୁକ୍ତି, ନିଜଲୋକଙ୍କ ଅନାଦର, ପାରିବାରିକ ଅଶାନ୍ତି, ଅପ୍ରିୟସତରୁ କଳହ, ଘର ସାଜସଜ୍ଜା, ଭ୍ରମଣ ସୁଖ ପାଇବେ, ମାମଲାରେ ଜିତାପଟ ।।

**କନ୍ୟା**
ପରିସ୍ଥିତି ବଦଳିବ, ଅନୁକୂଳ ପରିବେଶ, ବନ୍ଧୁଙ୍କ ସାହାଯ୍ୟ, ସନ୍ତାନଙ୍କ ଗୌରବ, ଋଣ ପରିଶୋଧ, ବାଣିଜ୍ୟରେ ପ୍ରତିବନ୍ଧକ, ପରିବାରରୁ ପ୍ରତିରୋଧ, ପୂର୍ବପ୍ରସ୍ତୁତିରେ ବ୍ୟତିକ୍ରମ, ଦୂରସ୍ଥାନକୁ ଯାତ୍ରା, ପରିବହନରେ ସମସ୍ୟା ।।

**ତୁଳା**
କର୍ମକ୍ଷେତ୍ରରେ ଗୌରବ, ନୂତନନିଯୁକ୍ତି ଖବର, ବନ୍ଧୁଙ୍କ ପ୍ରେରଣା ଲାଭ, କୂଟନୀତିରେ ସଫଳତା, ଲୋକସମ୍ପର୍କ ବୃଦ୍ଧି, ସାମାଜିକ ସମ୍ମାନ, ବୁଝାମଣାରେ ଅଗ୍ରଗତି, ସହକର୍ମୀଙ୍କ ସାହାଯ୍ୟ , ବିଦେଶଯାତ୍ରାର ସୁଯୋଗ ।।

**ବିଛା**
କର୍ମକ୍ଷେତ୍ରରେ ସମ୍ମାନ, ଉଦ୍ୟମରେ ସଫଳତା, ସମ୍ପର୍କହାନୀରୁ କ୍ଷୋଭ, କଠିନ ଶ୍ରମ ଓ ଭ୍ରମଣ, ଆଶା ଫଳବତୀ ହେବ, ଶୁଭକାର୍ଯ୍ୟର ଆଲୋଚନା, ଦୂର ଯାତ୍ରାର ଯୋଜନା, ସାମ୍ବାଦିକତାରୁ ଗୌରବ, ଭ୍ରାତୃସମ୍ପର୍କରେ ଉନ୍ନତି ।।

**ଧନୁ**
ମାନସିକ ଅସ୍ଥିରତା, କର୍ମକ୍ଷେତ୍ରରେ କୈଫିୟତ, ସଂଯମତାର ଅଭାବ, ବିବାଦଗ୍ରସ୍ତ ହୋଇପାରନ୍ତି, ରାଜକୀୟ ସମ୍ମାନ, ଅଧିକ ଖର୍ଚ୍ଚାନ୍ତ ହେବେ, ଟେନସନ୍ କମିଯିବ, ମୂଲ୍ୟବାନ ଦ୍ରବ୍ୟ ପାଇବେ, ପରିବାରରେ ଭୁଲ୍ ବୁଝାମଣା, ଶିଳ୍ପ ବାଣିଜ୍ୟରେ ଉନ୍ନତି ।।

**ମକର**
କାର୍ଯ୍ୟସିଦ୍ଧିରୁ ଆନନ୍ଦ, ପଡୋଶୀଙ୍କ ସାହାଯ୍ୟ, ନୂତନ ଗୃହାରମ୍ଭ, ଯାନବାହନ କ୍ରୟ, ପରିସ୍ଥିତିକୁ ସଜାଡି ନେବେ, ମାମଲା ଶୁଣାଣିରେ ବିଳମ୍ବ, କର୍ମ ତତ୍ପରତା ବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବେ, ବିବାଦର ଅବସାନ,ବନ୍ଧୁଙ୍କ ଓଲଟା ବୁଝାମଣା, ମନୋରଞ୍ଜନର ମଉକା ।।

**କୁମ୍ଭ**
ପାରିବାରିକ ଶାନ୍ତି, ବନ୍ଧୁ ମିଳନର ଯୋଜନା, ସହକର୍ମୀଙ୍କ ସହ ମତାନ୍ତର, ସମସ୍ୟା ସମାଧାନ, ପାରିଶ୍ରମିକ ପାଇବେ, ପଡୋଶୀଙ୍କ ଅଭ୍ୟର୍ଥନା, ସ୍ତ୍ରୀଙ୍କ ସହ ମତାନ୍ତର, ବିଦେଶ ଯାତ୍ରାର ସୂଚନା, ସଫଳ ଆଲୋଚନା।

**ମୀନ**
ଯାତ୍ରାରେ ସଫଳତା, ସଂକଟ ଦୂର ହେବ, ଫାଇଲ୍ କାମ ବୃଦ୍ଧି, ଭ୍ରାତୃ ସମ୍ପର୍କରେ ଉନ୍ନତି, ନିର୍ମାଣରେ ପ୍ରତିବନ୍ଧକ, ପରିବହନରେ ବିବାଦ, ବନ୍ଧୁଙ୍କ ପ୍ରେରଣା, ଧର୍ମକାର୍ଯ୍ୟ କରିବେ, ସଙ୍ଗୀତ ସମାରୋହ, ପ୍ରଶାସନିକ ତତ୍ପରତା, ରାଜନୈତିକ ବିବାଦ ।।

## ଉପକାରୀ ଜେଡ୍ ପ୍ଲାଣ୍ଟ

ଜେଡ୍ ପ୍ଲାଣ୍ଟ ହେଉଛି ଏକପ୍ରକାର ଇଣ୍ଡୋର ପ୍ଲାଣ୍ଟ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ପ୍ଲାଣ୍ଟକୁ ଲକି ପ୍ଲାଣ୍ଟ ତଥା ଫ୍ରେଣ୍ଡସିପ୍ ପ୍ଲାଣ୍ଟ ବି କୁହାଯାଇଥାଏ। କାରଣ ଏହି ଗଛକୁ ଘରେ ଲଗାଇଲେ ସୁଖସମୃଦ୍ଧି ବୃଦ୍ଧି ହେବା ସହ ବନ୍ଧୁତାରେ ନିବିଡ଼ତା ଆସିଥାଏ ବୋଲି ବିଶ୍ୱାସ କରାଯାଏ। ଭାଗ୍ୟ ଓ ଧନକୁ ସ୍ୱାଗତ କରୁଥିବା ଏହି



ଗଛକୁ ଘରର ମୁଖ୍ୟଦ୍ୱାର ନିକଟରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। କାରଣ ମୁଖ୍ୟଦ୍ୱାର ପାଖରେ ଏହାକୁ ରଖିଲେ, ଘରକୁ ପ୍ରବେଶ କରୁଥିବା ନକରାତ୍ମକ ଉର୍ଜ୍ଜାକୁ ଏହା ରୋକିଥାଏ। ମୁଖ୍ୟଦ୍ୱାର ବ୍ୟତିତ ଏହାକୁ ଘରର ହଲ୍ କିମ୍ବା ଡ୍ରଇଂ ରୁମ୍‌ର ଦକ୍ଷିଣ-ପୂର୍ବ ଦିଗ ଏପରିକି ଲିଭିଂ ରୁମ୍‌ର ଝରକା ପାଖରେ ବି ରଖିପାରିବେ। ଧ୍ୟାନ ଦେବେ ଏହି ଗଛକୁ ମଝିରେ ମଝିରେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିବେ। କାରଣ ଏହି ଗଛ ଉପରେ ଆଲୋକ ପଡିଲେ, ଏହା ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରି ଘରେ ସୁଖସମୃଦ୍ଧି ବୃଦ୍ଧି କରିଥାଏ। ତା'ସହିତ ପରିବାରର ସଦସ୍ୟଙ୍କ ଭିତରେ ଉତ୍ସାହ ଓ ଆତ୍ମବିଶ୍ୱାସ ମଧ୍ୟ ଭରି ଦେଇଥାଏ। ଯେହେତୁ ଏହି ଗଛର ସମ୍ପର୍କ ଧନ ସହିତ ରହିଛି ତେଣୁ ଏହାକୁ କେବେ ବି ଅନ୍ଧାରୁଆ ତଥା ଅପରିଷ୍କାର ସ୍ଥାନରେ ରଖିବେ ନାହିଁ। ବେଡ୍‌ରୁମ୍‌ରେ ମଧ୍ୟ ଏହାକୁ ରଖିବା ଶୁଭପ୍ରଦ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ତା'ସହିତ ଏହି ଗଛକୁ କେବେ ବି ୩ ଫୁଟରୁ ଅଧିକ ବଢିବାକୁ ଦେବା ବି ଠିକ୍ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।

## ପାଠକୀୟ

* ସ୍ୱାସ୍ଥ୍ୟ ସଚେତନ ମଣିଷଙ୍କ ପ୍ରଥମ ପସନ୍ଦ ପାଲଟିଛି ହର୍ବାଲ ଜୁସ୍। ଏହା ଅନ୍ୟ ଜୁସ୍ ଭଳି ସ୍ୱାଦିଷ୍ଟ ନ ହୋଇପାରେ କିନ୍ତୁ ଏହା ସ୍ୱାସ୍ଥ୍ୟୋପଯୋଗୀ। ଭୁବନେଶ୍ୱରରେ ହର୍ବାଲ ଜୁସ୍‌କୁ ଲୋକପ୍ରିୟ କରାଇଥିବା କିଛି ମଣିଷଙ୍କ ଜୀବନ କାହାଣୀକୁ ନେଇ ପ୍ରସ୍ତୁତ ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ହର୍ବାଲ୍ ଜୁସ୍' ସତରେ ବେଶ୍ ମନଛୁଆଁ ହୋଇପାରିଥିଲା। 'ସୁଖସମୃଦ୍ଧି ବୃଦ୍ଧି ପାଇଁ ବାସ୍ତୁ ଉପାୟ', 'ସ୍କିନ୍ ଆଲର୍ଜିର ଘରୋଇ ଚିକିତ୍ସା' ଆଦି ପାଠରୁ ବହୁ ଅଜଣା କଥା ଜାଣିବାକୁ ମିଳିଲା।

*– ପ୍ରଭାବତୀ ପରିଡ଼ା, ଫୁଲନଖରା, କଟକ*

* ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ହର୍ବାଲ ଜୁସ୍' ଶୀର୍ଷକ ଆଲେଖ୍ୟଟି ବେଶ୍ ହୃଦୟସ୍ପର୍ଶୀ ଥିଲା। 'ଚେହେରା ପାଇଁ ଯୋଗ' ଶୀର୍ଷକ ପାଠଟିରୁ ଅନେକ ଶିକ୍ଷଣୀୟ କଥା ଜାଣିବାକୁ ମିଳିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ସାହିତ୍ୟିକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

*– ରାକେଶ ବରାଳ, ତାଳଚେର*

* ସୃଜନ ପୃଷ୍ଠାରେ ସ୍ଥାନିତ 'ଦେବତାଟିଏ ବି ମରିଯାଏ' ଶୀର୍ଷକ ଗପଟି ବେଶ୍ ହୃଦୟସ୍ପର୍ଶୀ ହୋଇଥିଲା। 'ଅଭିଶାପ', 'ଛୁଅଁ' ଶୀର୍ଷକ କବିତା ଦୁଇଟି ବି ମନଛୁଆଁ ଲାଗୁଥିଲା। ସିନେମା ପୃଷ୍ଠାଟି ଆକର୍ଷଣୀୟ ଥିଲା। ବିଶେଷକରି ଏଥିରେ ସ୍ଥାନିତ 'କେମିତି କହିବି ମୁଁ', 'ଦିଶାଙ୍କ ସେଲ୍‌ଫି', 'ପ୍ରେମ ପାଇଁ ଟେନ୍‌ସନ୍', 'ଇମୋଶନାଲ ରଣବୀର' ଆଦି ପାଠଗୁଡ଼ିକ ମଜାଦାର୍ ହେବା ସହ ତଥ୍ୟପୂର୍ଣ୍ଣ ବି ଥିଲା।

*– ମିନାକ୍ଷୀ ସାହୁ, କାକଟପୁର*

* ସାଥୀର ସମସ୍ତ ଉତ୍ତରଗୁଡ଼ିକ ବେଶ୍ ମନଛୁଆଁ ହୋଇଥିଲା। ସେହିପରି କବି ଅଶୋକ ସାହୁଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ପ୍ରେରଣାଦାୟୀ ଥିଲା। ଲାଇଫ୍‌ଷ୍ଟାଇଲ୍ ପୃଷ୍ଠାରୁ 'ରେନ୍‌ବୋ ଶାଢି' ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ଲିପ୍ସା ବେଶ୍ ସୁନ୍ଦରୀ ଦେଖାଯାଉଥିଲେ। *– ସ୍ୱପ୍ନା ବରାଳ, ସୁନ୍ଦରଗଡ଼*

* ସହର ପୃଷ୍ଠାରୁ କେତେକ ଲୋକପ୍ରିୟ ଜଳପ୍ରପାତ ସମ୍ପର୍କରେ ଜାଣିହେଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ମୋନା ଲିସାର ରହସ୍ୟ' ଶୀର୍ଷକ ପାଠଟି ତଥ୍ୟପୂର୍ଣ୍ଣ ହେବା ସହ ହୃଦୟସ୍ପର୍ଶୀ ଥିଲା। ସେହିପରି 'ମଣିଷ ନା ୱାଟର ଫାଉଣ୍ଟେନ୍' ଶୀର୍ଷକ ପାଠଟି ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*– ସୁନୀଲ ଦାସ, ମୟୂରଭଞ୍ଜ*

* ଏଥରର ବ୍ୟଙ୍ଗ ପୃଷ୍ଠାରେ ସ୍ଥାନିତ 'ଲାଞ୍ଚଂ ଶରଣଂ ଗଚ୍ଛାମି' ଶୀର୍ଷକ ପାଠଟି ବେଶ୍ ଶିକ୍ଷଣୀୟ ହୋଇଥିଲା। ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଜୀବନ୍ତ କଣ୍ଢେଇ', 'କ୍ୟାମେରା ପରି ଘର' ଏବଂ 'ଆଲିସ୍ ଇନ୍ ୱାଣ୍ଡରଲାଣ୍ଡ ହିଲ୍ସ' ଶୀର୍ଷକ ପାଠଗୁଡ଼ିକ ତଥ୍ୟପୂର୍ଣ୍ଣ ହେବା ସହ ଆଶ୍ଚର୍ଯ୍ୟକର ଥିଲା।

*– ଶ୍ରୀପଦା ଦାଶ, ସାକ୍ଷୀଗୋପାଳ*

### ବିଶେଷ ଚିଠି




ହର୍ବାଲ ଜୁସ୍‌କୁ ନେଇ ଥିଲା
ଏଥରର ପ୍ରଚ୍ଛଦ ପ୍ରସଙ୍ଗ,
ଲାଗୁଥିଲା ଭାରୀ ନିଆରା
ମନେ ଭରିଲା ଅପୂର୍ବ ଆନନ୍ଦ।
ସହରଠୁ ଦୂର, ସିନେମା ପୃଷ୍ଠା ବି
ଦିଶୁଥିଲା ଭାରୀ ସୁନ୍ଦର,
ବିବିଧା, ବ୍ୟାକ୍‌ପେଜ୍ ପୃଷ୍ଠା ପଢି
ଜାଣିଲି ନୂଆ ନୂଆ ଖବର।
ସତରେ ଛୁଟିଦିନ ତୁମେ ଖୁବ୍ ଭଲ
ଷୋହଳ ପୃଷ୍ଠା ତୁମ କରୁଛି କମାଲ।

*– ସତ୍ୟବ୍ରତ ମାଝି, ଆଳି, କେନ୍ଦ୍ରାପଡ଼ା*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com


ରୀତା ଗାଭିଓଲା

# ରାସ୍ତାକଡ଼ରୁ ଗ୍ଲାମର୍ ଦୁନିଆ

**ପରୀ ରାଇଜର କଥା ପରି ଏମାନଙ୍କ ଜୀବନର କାହାଣୀ। କିଏ ଦିନେ ବୁଲା ବିକାଳୀ ଥିଲେ ତ କିଏ କରୁଥିଲେ ଭିକ୍ଷା, ପୁଣି କିଏ ଥିଲେ ଦିନ ମଜୁରିଆ। ହେଲେ ହଠାତ୍ କେହି ଜଣେ ଦେବଦୂତ ପରି ଆସିଲେ ଏମାନଙ୍କ ଜୀବନକୁ । ଦାରିଦ୍ର୍ୟର ଅନ୍ଧକାର ଭିତରୁ ଟାଣିନେଲେ ଗ୍ଲାମର୍‌ର ଚାକଚକ୍ୟଭରା ଦୁନିଆକୁ। ଆଉ ସଜାଇଦେଲେ ଗ୍ଲାମର୍ ଜଗତର ଗୋଟେ ଗୋଟେ ତାରକା...।**

କୁହାଯାଏ ସୁନ୍ଦରତା ଦେଖିବା ଲୋକଙ୍କ ଦୃଷ୍ଟିଭଙ୍ଗୀରେ ଥାଏ। ଅର୍ଥାତ୍ ଜଣଙ୍କ ନଜରରେ ଜଣେ ସୁନ୍ଦରଭାବେ ବିବେଚିତ ହେଉଥିବାବେଳେ ଆଉ ଜଣଙ୍କ ନଜରରେ ସେଇ ମଣିଷଟି ସୁନ୍ଦରତାର ପରିଭାଷା ପରିସର ମଧ୍ୟକୁ ବି ଆସୁ ନ ଥାଇ ପାରେ। ଏଇ ଯେମିତି ଦାରିଦ୍ର୍ୟ ଚାପରେ ମଳିନ ପଡି ଯାଇଥିବା କିଛି ଚେହେରା ଭିତରେ ବି କେତେଜଣ ଦେଖି ପାରିଥିଲେ ଅପୂର୍ବ ସୌନ୍ଦର୍ଯ୍ୟର ଝଲକ। ସୌନ୍ଦର୍ଯ୍ୟକୁ ପରଖି ପାରୁଥିବା ସେମାନଙ୍କର ସେଇ ନଜର ହିଁ ସେଇ ମଣିଷମାନଙ୍କ ସୌନ୍ଦର୍ଯ୍ୟକୁ ଦୁନିଆ ସାମ୍ନାକୁ ଆଣିବା ସହ ଗ୍ଲାମର ଦୁନିଆର ତାରକା ସଜାଇଦେଲା।

**ପ୍ରିନ୍‌ସେସ୍ ଫ୍ରମ୍ ଦ ସ୍ଲମ:** ମଲିଶା ଖରଓ୍ୱା। ବସ୍ତିର ଝିଅ। ବୟସ ମାତ୍ର ୧୬ ବର୍ଷ। ହେଲେ ସାରା ପୃଥିବୀରେ ଏବେ ସେ ଜଣେ ପ୍ରସିଦ୍ଧ ମଡେଲ ଓ କଣ୍ଟେଣ୍ଟ କ୍ରିଏଟରଭାବେ ପରିଚିତ। ତା'ସହ ଲକଜ୍ୟୁରୀ ବିଉଟି ବ୍ରାଣ୍ଡ 'ଫରେଷ୍ଟ ଏସେନ୍ସିଆଲସ୍'ର ସେ ଟିନ୍‌ଏଜ ଆମ୍ବାସାଡର। ଆଉ ଏବେ ୨୦୨୪ର ଫୋର୍ବସ୍ ମାଗାଜିନ୍‌ରେ ସେ 'ଟପ୍ ସେଲ୍ଫ ମେଡ ଓମେନ୍' ତାଲିକାରେ ବି ସ୍ଥାନ ପାଇଛନ୍ତି। ଏତେ କମ୍ ବୟସରେ, ପୁଣି ଏକ ବସ୍ତି ଝିଅର ଏଭଳି ସଫଳତା ଅବିଶ୍ୱସନୀୟ ଲାଗିପାରେ। କହିବାକୁଗଲେ ଏହି ସଫଳତା ପଛର କାହାଣୀ ଏକ ପରୀ କଥା ଭଳି। ମଲିଶା ନିଜ ପରିବାର ସହ ମୁମ୍ବାଇର ବ୍ୟାଣ୍ଡଷ୍ଟାଣ୍ଡସ୍ଥ ଏକ ବସ୍ତିର ପାଲଟଣା ଝୁମ୍ପୁଡି ଘରେ ରହୁଥିଲେ। ପାନୀୟ ଜଳ, ବିଦ୍ୟୁତ ଭଳି ସାଧାରଣ ଆବଶ୍ୟକତାଗୁଡିକ ବି ତାଙ୍କୁ ମିଳୁ ପାରୁ ନ ଥିଲା। ତା'ସହ ସବୁବେଳେ ଭୟ ରହୁଥିଲା ମୁନିସିପାଲିଟି ଅଫିସର କେତେବେଳେ ଆସି ଭାଙ୍ଗିଦେବେ ତାଙ୍କ ଝୁମ୍ପୁଡି। ବାପା ତାଙ୍କର ପିଲାଙ୍କ ଜନ୍ମଦିନ ପାର୍ଟିରେ ଜୋକର ହୋଇ ହସାଇବା କାମ କରୁଥିଲେ। ଓଳିଏ ଖାଇଲେ ଆରଓଳି ଓପାସ ରହିବାକୁ ପଡୁଥିଲା। ବେଳେବେଳେ ମଲିଶା ଓ ତାଙ୍କ ଭାଇ ଫିଲ୍ମର ଶୁଟିଂ ସେଟ୍‌କୁ ଯାଉଥିଲେ କିଛି କାମ ମିଳିଯିବ ଆଶାରେ। ସେଠି ଅଭିନେତାଅଭିନେତ୍ରୀଙ୍କୁ ଦେଖି ମଲିଶାଙ୍କର ଇଚ୍ଛା ହେଉଥିଲା ସେ ବି ଦିନେ ମଡେଲ ଅବା ଜଣେ ଡ୍ୟାନ୍ସର ହେବେ। ୨୦୧୯ ମସିହା, କୋଭିଡ୍ ସମୟର କଥା। ଲକ୍ ଡାଉନ୍ ଯୋଗୁ ଆମେରିକୀୟ ଅଭିନେତା ରବର୍ଟ ହଫମ୍ୟାନ ଫେରି ନ ପାରି ମୁମ୍ବାଇରେ ୫ ମାସ ରହିବାକୁ ବାଧ୍ୟ ହୋଇଥାନ୍ତି। ଏହି ସମୟର ସଦୁପଯୋଗ କରିବା ଲାଗି ସେ ଏକ ମ୍ୟୁଜିକ ଭିଡିଓ କରିବାକୁ ଯୋଜନା କଲେ। ଯେଉଁଥିପାଇଁ ସେ ବସ୍ତି ବାସିନ୍ଦାଙ୍କ ସହ ଯୋଗାଯୋଗ କଲେ। ଏହି ସମୟରେ ମଲିଶା ଏବଂ ତାଙ୍କ ପରିବାର ସହ ରବର୍ଟ ପରିଚିତ ହେଲେ। ରବର୍ଟ ମଲିଶାଙ୍କ ଆତ୍ମବିଶ୍ୱାସ ଓ ନିର୍ଭୟରେ କ୍ୟାମେରାକୁ ସାମ୍ନା କରିବା ଦେଖି ଚକିତ ହୋଇଯାଇଥିଲେ। ତାଙ୍କର ଶ୍ୟାମଳ ଚେହେରା ତାଙ୍କୁ ଭାରି ଭଲ ଲାଗିଥିଲା। ମଲିଶାଙ୍କ ଭିତରେ ଯେ, କିଛି ବଡ଼ ସଫଳତା ହାସଲ କରିବାର ସାମର୍ଥ୍ୟ ଅଛି ତାକୁ ସେ ଜାଣିପାରିଥିଲେ। ହେଲେ ଏହାପୂର୍ବରୁ ମଲିଶାଙ୍କୁ ଅତ୍ୟାବଶ୍ୟକୀୟ ସୁବିଧା ଯେମିତି କି ଖାଦ୍ୟ, ବାସଗୃହ ଓ ଶିକ୍ଷା ଆଦି ମିଳିବା ନିହାତି ଜରୁରୀ ବୋଲି ସେ ଅନୁଭବ କଲେ। ତେଣୁ ନିଷ୍ପତ୍ତି ନେଲେ ମଡେଲ ଓ ଡ୍ୟାନ୍ସର ହେବାର ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ମଲିଶାଙ୍କୁ ସାହାଯ୍ୟ କରିବେ। ସର୍ବପ୍ରଥମେ ସେ ମଲିଶାଙ୍କ ବାପାଙ୍କ ଅନୁମତି ନେଇ ମଲିଶାଙ୍କର ଇନ୍‌ଷ୍ଟାଗ୍ରାମ ଓ ୟୁଟ୍ୟୁବ ପେଜ୍ ଖୋଲିଲେ। 'ଗୋଫଣ୍ଡମି' ଫଣ୍ଡ ରେଜର୍ ପେଜ୍ ଆରମ୍ଭ କଲେ। ତେବେ ମଲିଶା ସେତେବେଳେ ସମସ୍ତଙ୍କ ନଜରକୁ ଆସିଲେ, ଯେବେ ହଫ୍‌ମ୍ୟାନ ମଲିଶାଙ୍କର ଏକ ଭିଡିଓ କରି ତାକୁ ପୋଷ୍ଟ କଲେ। ଯେଉଁଥିରେ ମଲିଶା ନିଜ ଝୁମ୍ପଡି ଘର ଦେଖାଇବା ସହ ନିଜ ସ୍ୱପ୍ନ ବିଷୟରେ କହୁଥିଲେ ଓ ରବର୍ଟଙ୍କୁ ହିନ୍ଦୀ ଶିଖାଉଥିଲେ। ଚାହୁଁ ଚାହୁଁ ଏହି ଭିଡିଓ ଭାଇରାଲ ହୋଇଗଲା। ମଲିଶାଙ୍କ ବଡ଼ ବଡ଼ ଦୁଇ ସ୍ୱପ୍ନିଳ ଆଖି, ସୁନ୍ଦର ହସ ଓ ଚେହେରାରେ ଝଟକୁ ଥିବା ଆତ୍ମବିଶ୍ୱାସ ଅନେକଙ୍କୁ ଆକର୍ଷିତ କଲା। ଏହାପରେ ତାଙ୍କୁ 'ପିକକ୍' ମାଗାଜିନ୍‌ର କଭର୍ ଗର୍ଲ ହେବାର ଅଫର୍ ଆସିଲା। ଆଉ ବଦଳିଗଲା ତାଙ୍କ ଦୁନିଆ। ପରେ ଲାଗି ଲାଗି ସେ ଅନେକ ଅଫର୍ ପାଇଲେ। ଭାରତର ଲକ୍‌ଜ୍ୟୁରୀ କସ୍ମେଟିକ ବ୍ରାଣ୍ଡ 'ଫରେଷ୍ଟ ଏସେନ୍ସିଆଲ', ମଲିଶାଙ୍କୁ ତାଙ୍କର 'ଯୁବତୀ' କ୍ୟାମ୍ପେନ ପାଇଁ ଚୟନ କଲେ। ବଡ଼ ବଡ଼ ମାଗାଜିନ୍ ଯେମିତି କି କସ୍ମୋପଲିଟାନ, ଗ୍ରାଜିଆ, ଏଲେ ଆଣ୍ଡ ଭଗ୍ ଆଦିର ବି ସେ କଭର ଗର୍ଲ ହେଲେ। ଅନେକେ ତାଙ୍କୁ 'ପ୍ରିନ୍‌ସେସ୍ ଫ୍ରମ୍ ଦ ସ୍ଲମ୍' ବୋଲି କହିଲେ। ଅନ୍ୟପକ୍ଷେ ରବର୍ଟ ଖୋଲିଥିବା ଗୋଫଣ୍ଡମି ପେଜ୍‌ରୁ ଆସିଲା


ମଲିଶା ଖରଓ୍ୱା



ମଲିଶାଙ୍କ ପାଠପଢା, ଶିକ୍ଷା ଓ ଗୃହ ପାଇଁ ଅନେକ ଫଣ୍ଡ। ବଦଳିଗଲା ତାଙ୍କ ଆର୍ଥିକ ଅବସ୍ଥା। ସେଇ ଟଙ୍କାରେ ସେ ବାପା କରିଥିବା କରଜକୁ ଶୁଝିଲେ। ତା'ସହ ଏବେ ଗୋଟିଏ ବେଡରୁମ୍‌ର ଫ୍ଲାଟ୍ କିଣି ସେଠାକୁ ପରିବାର ସହ ସିଫ୍ଟ ହୋଇଛନ୍ତି। ମଡେଲିଂ ସହ କଣ୍ଟେଣ୍ଟ ତିଆରି କରିବା ବି ସେ ଜାରି ରଖିଛନ୍ତି। ଦଶମ ଶ୍ରେଣୀରେ ପଢୁଛନ୍ତି। ଆଗରୁ ଯେଉଁ ସରକାରୀ ସ୍କୁଲରେ ପଢୁଥିଲେ ସେଇ ସ୍କୁଲରେ ପଢୁଛନ୍ତି। ଅନେକେ ତାଙ୍କୁ ପ୍ରାଇଭେଟ୍ ସ୍କୁଲ ଯିବାକୁ ବି ପରାମର୍ଶ ଦେଇଥିଲେ। ହେଲେ ମଲିଶା ସେଇ ପୁରୁଣା ସ୍କୁଲରେ ପଢିବାକୁ ନିଷ୍ପତ୍ତି ନେଲେ। କାରଣ ମଲିଶାଙ୍କ ମତରେ ଆମେ ଯେଉଁଠୁ ଆସିଛୁ ତାକୁ କେବେ ଭୁଲିବା କଥା ନୁହେଁ। ଏହାବାଦ ମଲିଶା କହନ୍ତି, ''ଅନେକେ ଭାବନ୍ତି ଗୋରା ଚର୍ମ ଥିବା ମଣିଷ ହିଁ ସୁନ୍ଦର। କିନ୍ତୁ ମୁଁ ସବୁଥିରେ ସୌନ୍ଦର୍ଯ୍ୟକୁ ଅନୁଭବ କରେ। ଆଉ ମତେ ମୋ ବର୍ଣ୍ଣ ବହୁତ ଭଲ ଲାଗେ ଓ ଅନୁଭବ କରେ ମୁଁ ପରଫେକ୍ଟ ଅଛି। ଭାରତର ସବୁ ଶ୍ୟାମଳୀ ଝିଅ ଏମିତି ଭାବିବା ଜରୁରୀ।'' ଏବେ ମଲିଶାଙ୍କ ଇନଷ୍ଟାଗ୍ରାମରେ ୪୫୦୦୦୦ ଫଲୋୟର ଏବଂ ୟୁଟ୍ୟୁବରେ ୮୮,୭୦୦ ସବସ୍କ୍ରାଇବର୍ ଅଛନ୍ତି। ସେ 'ମଲିଶା ପିପୁଲ' ନାମକ ଏକ ପ୍ଲାଟଫର୍ମ ବି ଖୋଲିବାକୁ ଇଚ୍ଛା ରଖିଛନ୍ତି ; ଯାହା ମାଧ୍ୟମରେ ସେ ତାଙ୍କରି ଭଳି ପିଲାଙ୍କ ସହ ଇଣ୍ଟରାକ୍ଟ କରିବେ ଓ ବଡ଼ ବଡ଼ ସ୍ୱପ୍ନ ଦେଖିବାକୁ ପ୍ରେରଣା ଦେବାସହ ତାକୁ କିଭଳି ପୂରଣ କରିହେବ ସେ ରାସ୍ତା ବି ଦେଖେଇବେ।

**ଦିନ ମଜୁରିଆରୁ ମଡେଲ:** ପାରାକାଡାଭିଲ ମାମ୍ମିକାଙ୍କ ବୟସ ୬୦ ବର୍ଷରୁ ଊର୍ଦ୍ଧ୍ୱ। ପତଳା ବଳିଷ୍ଠ ଶରୀର। ଆଲୁରୁବାଲୁରୁ କେଶ। ଦେହରେ ରଙ୍ଗ ଉଡ଼ି ଯାଇଥିବା ଛିଣ୍ଡା ଶାର୍ଟ ସାଙ୍ଗକୁ ମୁଣ୍ଡରେ ଗାମୁଛାରେ ଠେକାଟିଏ ଭିଡି ଲୁଙ୍ଗିକୁ ଆଣ୍ଠୁରୁ ଉପର ପର୍ଯ୍ୟନ୍ତ ମୋଡି ସେ ମୂଲ ଲାଗନ୍ତି। ସନ୍ଧ୍ୟାରେ ଫେରିବା ବେଳକୁ ରୋଜଗାର କରିଥିବା ଟଙ୍କାରୁ ଘର ପାଇଁ ପରିବା, ସଉଦା ନିଅନ୍ତି। ଦୀର୍ଘ ବର୍ଷ ଧରି ଏଇଭଳି ଧରାବନ୍ଧା ଜୀବନ ଥିଲା ତାଙ୍କର। ହେଲେ ଦିନେ ତାଙ୍କ ସହ ଏମିତି କିଛି ଘଟିଲା, ଯାହା ତାଙ୍କ ଜୀବନର ମୋଡ଼ ପୂରାପୂରି ବଦଳାଇଦେଲା। ଫଟୋଗ୍ରାଫର ଶରୀକ ଭୟାଲୀଙ୍କ ନଜର ତାଙ୍କ ଉପରେ ପଡ଼ିଲା। ସେ ମାମ୍ମିକାଙ୍କର ଏକ ଫଟୋ ଉଠାଇ ନିଜ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟ କଲେ। ଚାହୁଁ ଚାହୁଁ ତାହା ଭାଇରାଲ ହୋଇଗଲା। ଭାଇରାଲ ହେବାପଛର କାରଣ ଏହା ଥିଲା ଯେ, ଅନେକଙ୍କୁ ମାମ୍ମିକା ଅଭିନେତା ବିନାୟକନ୍‌ଙ୍କ ପରି ଲାଗୁଥିଲେ। ଏହାପରେ ଶରୀକ, ମାମ୍ମିକାଙ୍କ ଭିତରେ ଯେ ମଡେଲିଂର ଟ୍ୟାଲେଣ୍ଟ ଅଛି ଅନୁମାନ କଲେ। ଆଉ ତାଙ୍କର ମେକ୍ ଓଭର କରାଇ ସ୍ଥାନୀୟ ୱେଡିଂ ଶୁଟ୍ କମ୍ପାନୀ ପାଇଁ ମଡେଲ ସଜାଇଲେ। ମେକ୍ ଅପ୍ ଆର୍ଟିଷ୍ଟ ମଜ୍‌ନା ଅନ୍ୟ ଦୁଇ ଆସିଷ୍ଟାଣ୍ଟଙ୍କ ସାହାଯ୍ୟରେ ମାମ୍ମିକାଙ୍କ ମେକ୍ ଓଭର୍ କରାଇଲେ। ସୁଟ୍ ସାଙ୍ଗକୁ କଳା ଚଷମା। ପୁଣି ସୁନ୍ଦର ହେୟାର ଷ୍ଟାଇଲ୍ ସାଙ୍ଗକୁ ତାଙ୍କର ବିୟର୍ଡ ଲୁକ୍ ସମସ୍ତଙ୍କ ମନମୋହିଲା। ସୋସିଆଲ ମିଡିଆରେ ଭାଇରାଲ ହୋଇଗଲା ତାଙ୍କର ଫଟୋସବୁ। ଏହାପରେ ଶରୀକ ମାମ୍ମିକାଙ୍କର ଏକ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟ କରି ସେଥିରେ ତାଙ୍କର ଫଟୋ ଅପ୍‌ଲୋଡ କଲେ। ଯେମିତି କି ତାଙ୍କୁ ଅଧିକରୁ ଅଧିକ କାମ ମିଳିବ। ଏବେ ମାମ୍ମିକା ଜଣେ ମଡେଲ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ହୋଇପାରିଛନ୍ତି। ଭଲ ରୋଜଗାର ବି କରୁଛନ୍ତି।

**ବେଲୁନବାଲୀରୁ ଗ୍ଲାମର ଦୁନିଆ:** ରାଜସ୍ଥାନୀ ଝିଅ କିସ୍‌ବୁ ରୋଜଗାର ପାଇଁ କେରଳର ଗଳି କନ୍ଦିରେ ବୁଲି ବୁଲି ବିକ୍ରି କରୁଥିଲେ ରଙ୍ଗ ବିରଙ୍ଗୀ ବେଲୁନ୍। ମା' ଓ ଭାଇର ଦାୟିତ୍ୱ ଥିଲା କିସ୍‌ବୁଙ୍କ ଉପରେ। ସେଥିପାଇଁ ନିଜ ଇଚ୍ଛା ଓ ସ୍ୱପ୍ନକୁ ମାରି ସେ ବେଲୁନ୍ ବିକୁଥିଲେ। ଥରେ ଅନ୍ଦାଲୁର କାପୁ ଉତ୍ସବରେ କିସ୍‌ବୁ ବେଲୁନ୍ ବିକ୍ରି କରୁଥାନ୍ତି। ହାତରେ ବେଲୁନ୍ ଧରି ଷ୍ଟ୍ରିଟ ଲାଇଟ୍ ତଳେ ଠିଆ ହୋଇଥାନ୍ତି। ମନ୍ଦିରର କୋଳାହଳ, ଧୂଳି ଧୂସରିତ ପରିବେଶ ଭିତରେ ଷ୍ଟ୍ରିଟ୍ ଲାଇଟ୍ ତଳେ କିସ୍‌ବୁଙ୍କ ଚେହେରା ବେଶ୍ ଆକର୍ଷଣୀୟ ଲାଗୁଥାଏ। ଟ୍ରାଭେଲ ଫଟୋଗ୍ରାଫର୍ ତଥା ଫ୍ରିଲେନ୍ସ ୱେଡିଂ ଫଟୋଗ୍ରାଫର୍ ଅର୍ଜୁନ କ୍ରିଷ୍ଣନଙ୍କୁ ଏହି ଦୃଶ୍ୟ ଏତେ ଭଲ ଲାଗିଲା ଯେ, ସେ ସଙ୍ଗେ ସଙ୍ଗେ କ୍ୟାମେରା ବାହାର କରି କିସ୍‌ବୁଙ୍କ ଫଟୋ ଉଠାଇଲେ। ଆଉ ତାକୁ କିସ୍‌ବୁ ଓ ତାଙ୍କ ମା'ଙ୍କୁ ଦେଖାଇଲେ। ସେମାନେ ବହୁତ ଖୁସି ହେବା ସହ ଅର୍ଜୁନଙ୍କୁ ପ୍ରଶଂସା କଲେ। ଏହାପରେ ଅର୍ଜୁନ ଫଟୋଗୁଡ଼ିକୁ ସୋସିଆଲ ମିଡିଆରେ ପୋଷ୍ଟ କଲେ। ଫଟୋଗୁଡିକ ଭାଇରାଲ ହୋଇଗଲା। କିସ୍‌ବୁ ରାତାରାତି ଷ୍ଟାର ପାଲଟିଗଲା। ସୋସିଆଲ ମିଡିଆ ଜରିଆରେ କିସ୍‌ବୁଙ୍କର ଏହି ଫଟୋଗୁଡିକ ମେକ୍ ଓଭର୍ ଆର୍ଟିଷ୍ଟ ରେମ୍ୟାଙ୍କ ନଜରକୁ ଆସିଲା। ରେମ୍ୟା ତାଙ୍କ ସାଲୋନ୍ ପାଇଁ କିସ୍‌ବୁଙ୍କୁ ମଡେଲ କରିବାକୁ ଚାହିଁଲେ। ତେଣୁ ସେ କିସ୍‌ବୁଙ୍କୁ ଖୋଜିବାକୁ ଲାଗିଲେ। ଏହାପରେ ସେ କିସ୍‌ବୁ ଓ ତାଙ୍କ ପରିବାରକୁ ଅନେକ ବୁଝାଇଲେ। ଦୁଇ ଦିନ ବୁଝାଇବା ପରେ କିସ୍‌ବୁ ଓ ତାଙ୍କ ପରିବାର କିସ୍‌ବୁଙ୍କ ମେକ୍ ଓଭର୍ ଏବଂ ଫଟୋଶୁଟ୍ ପାଇଁ ରାଜି ହେଲେ। ପରେ ରେମ୍ୟା ଅର୍ଜୁନଙ୍କୁ କଣ୍ଟାକ୍ଟ କଲେ ଫଟୋସୁଟ୍ ପାଇଁ। କିସ୍‌ବୁଙ୍କର ମେକ୍ ଓଭର୍ କରାଗଲା। ଅଫ୍ ହ୍ୱାଇଟ୍ ଶାଢି, ଲାଲରଙ୍ଗର ବ୍ଲାଉଜ୍, ସୁନ୍ଦର ହେୟାର୍ ଷ୍ଟାଇଲରେ ସେ ଲାଗୁଥିଲେ ଅପ୍‌ସରୀ ପରି। ତାଙ୍କର ଏହି ଗେଟ୍‌ଅପ୍‌ର ଫଟୋଗୁଡ଼ିକୁ ବି ସୋସିଆଲ ମିଡ଼ିଆରେ ବହୁତ ପସନ୍ଦ କରାଗଲା। ରେମ୍ୟାଙ୍କ ପାଖକୁ ଅନେକ କଲ୍ ଆସିଲା ମଡେଲିଂ ପାଇଁ। ଏବେ ଅର୍ଜୁନ ଓ ରେମ୍ୟା କିସ୍‌ବୁଙ୍କୁ ଏହି କ୍ଷେତ୍ରରେ ଗାଇଡ କରୁଛନ୍ତି ।

**ଭିକ୍ଷା ବୃତ୍ତିରୁ ଟିଭି ତାରକା:** ନୁଖୁରା ଆଲୁଳାୟିତ କେଶ। ଚିରା ଫଟା ପୋଷାକ। କାଖରେ ସାନ ଭାଇ ଅବା ଭଉଣୀକୁ ଧରି ରୀତା ଗାଭିଓଲା ନାମ୍ନୀ ଝିଅଟିଏ ଫିଲିପାଇନ୍ସର ଗଳି କନ୍ଦିରେ ଭିକ ମାଗୁଥିଲା। ରାସ୍ତାକଡ଼ରେ ପରିବାର ସହ ରହୁଥିଲା। ବାପା ଥିଲେ ଜରି ଗୋଟାଳି। ମା' ଗୃହିଣୀ। ରୀତାର ୬ ଭାଇ ଭଉଣୀ। ଏତେ ବଡ଼ ପରିବାରକୁ ସ୍ୱଳ୍ପ ଆୟ। ଭାରି କଷ୍ଟରେ ଚଳୁଥିଲେ ସେମାନେ। ଏଭଳି ଆର୍ଥିକସ୍ଥିତି ଲାଗି ହିଁ ରୀତା ଭିକ ମାଗିବାକୁ ବାଧ୍ୟ ହୋଇଥିଲେ। ଦାୟିତ୍ୱର ଚାପରେ ହଜି ଯାଇଥିଲା ତା'ର ପିଲାଦିନ। ମଳିନ ପଡ଼ି ଯାଇଥିଲା ଚେହେରା। ତେବେ ୨୦୧୬ରେ ରୀତାକୁ ଯେବେ ୧୩ ବର୍ଷ ବୟସ, ଥରେ ସେ ଭିକ ମାଗିବାବେଳେ ଫିଲିପାଇନ୍ସର ଜଣେ ଫଟୋଗ୍ରାଫରଙ୍କ ନଜର ତା' ଉପରେ ପଡ଼ିଥିଲା। ରୀତାର ମଳିନ ପଡ଼ି ଯାଇଥିବା ଚେହେରା ଭିତରେ ବି ସେ ଦେଖିପାରିଥିଲେ ତା'ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ। ଆଉ କ୍ୟାମେରା ବାହାର କରି କିଛି ଫଟୋ ଉଠାଇଥିଲେ। ସେହି ଫଟୋଗୁଡିକୁ ସେ ନିଜ ବ୍ୟକ୍ତିଗତ ବ୍ଲଗ୍‌ରେ ପବ୍ଲିଶ୍ କଲେ। କିଛିଦିନ ଭିତରେ ଫଟୋଗୁଡିକ ଭାଇରାଲ ହୋଇଗଲା। ହଠାତ୍ ରୀତା ପାଖକୁ ଫଟୋଶୁଟ୍‌ର ଅଫର୍ ଆସିଲା। ସେ ଓ ତା' ପରିବାର କିଛି ଭାବି ପାରି ନ ଥିଲେ ଏସବୁ କ'ଣ ହେଉଥିଲା। ସବୁ ଘଟଣା ଜାଣିବା ପରେ ଭାଗ୍ୟ ଏମିତି ବି ବଦଳିପାରେ ସେମାନେ ବିଶ୍ୱାସ କରିପାରି ନ ଥିଲେ। ଏହାପରେ ରୀତା ପାଖକୁ ଆସିଲା ଟିଭି ଶୋ'ରେ ଛୋଟ ମୋଟ ରୋଲ୍‌ର ଅଫର୍। କିଛି ଟିଭି ଶୋ'ରେ କାମ କରିବା ପରେ ଫିଲିପାଇନ୍ସର ଲୋକପ୍ରିୟ ରିୟାଲିଟି ଶୋ' 'ବିଗ୍ ବ୍ରଦର୍'ରେ ସେ ହେଲେ ସର୍ବକନିଷ୍ଠ ପ୍ରତିଯୋଗୀ। 'ବଡ଼ଜାଓ ଗର୍ଲ' ଭାବେ ସେ ପରିଚିତ ହେଲେ। ଛୋଟ ଝିଅଟିର ଏଭଳି ସଫଳତାର କାହାଣୀ ଚାରିଆଡ଼େ ପ୍ରଚାର ହୋଇଗଲା। ଫ୍ୟାନ ଫଲୋଇଂ ବଢିଗଲା। କିଛି ଫ୍ୟାନ ତ ତାଙ୍କୁ ଆର୍ଥିକ ସହାୟତା ବି କଲେ। ୨୦୧୮ରେ ଆମେରିକାର ଗ୍ରେସ୍ କ୍ରୁଏଜର୍ ନାମକ ଜଣେ ଫ୍ୟାନ ଘର ତିଆରି ପାଇଁ ରୀତାଙ୍କୁ ଆର୍ଥିକ ସହାୟତା କଲେ। ଫଳରେ ଘର କରିବାର ସ୍ୱପ୍ନ ତାଙ୍କର ପୂରଣ ହେଇଲା। ଏବେ ସେ ନିଜ ପାଇଁ ଜୀବନ ସାଥୀ ବାଛି ସାରିଛନ୍ତି। ତାଙ୍କର ଏକ ଝିଅ ବି ହୋଇଛି। ସୁଖୀ ପାରିବାରିକ ଜୀବନ ଅତିବାହିତ କରୁଛନ୍ତି।

ସତରେ ଈଶ୍ୱରଙ୍କର ପ୍ରତ୍ୟେକଟି ସୃଷ୍ଟିରେ ଭରି ରହିଛି ସୁନ୍ଦରତା। ଯାହାକୁ କେବଳ ସୌନ୍ଦର୍ଯ୍ୟକୁ ଚିହ୍ନି ପାରୁଥିବା ନଜର ହିଁ ଅନୁଭବ କରିପାରେ। ଏହାବାଦ ସେହି ଈଶ୍ୱର ଚାହିଁଲେ ବି ମଣିଷକୁ କେଉଁଠୁ ନେଇ କେଉଁ ସ୍ଥାନରେ ପହଞ୍ଚାଇ ପାରନ୍ତି। ତେଣୁ ସମସ୍ତେ ସ୍ୱପ୍ନ ଦେଖିବା ଉଚିତ। ହୁଏତ ହଠାତ କିଛି ଚମତ୍କାର ହେବ ଓ ବଦଳିଯିବ ଦୁନିଆ।


ପାରାକାଡାଭିଲ ମାମ୍ମିକା


କିସ୍‌ବୁ

–ଶିବାନୀ ମହାନ୍ତି

# ସିଲଭର୍ ଜୁଏଲେରୀ ଫ୍ୟାଶନ

ନାରୀଙ୍କ ସୌନ୍ଦର୍ଯ୍ୟକୁ ଅଧିକ ଆକର୍ଷଣୀୟ କରାଏ ଜୁଏଲେରୀ। ସେଥିପାଇଁ ତ ସୁନା, ରୁପା, ହୀରା, ପର୍ଲଠୁ ଆରମ୍ଭ କରି ଆର୍ଟିଫିସିଆଲ୍ ଜୁଏଲେରୀ ପର୍ଯ୍ୟନ୍ତ ସବୁ ନାରୀଙ୍କ ପସନ୍ଦ। କିନ୍ତୁ ଯଦି ଖରାଦିନ କଥା ଆସେ ତେବେ ଅନ୍ୟ ଜୁଏଲେରୀ ଅପେକ୍ଷା ସିଲଭର୍ ଜୁଏଲେରୀର ଡିମାଣ୍ଡ ଟିକେ ଅଧିକ ରହେ। କାରଣ ଏହା ଦେଖିବାକୁ ଯେମିତି ସୁନ୍ଦର ସେମିତି ସ୍ୱାସ୍ଥ୍ୟୋପଯୋଗୀ ମଧ୍ୟ ...









## ସିଲଭର୍ ଜୁଏଲେରୀର ସ୍କିନ୍ ବେନିଫିଟ୍

* ସିଲଭର୍‌ରେ କିଛି ମାତ୍ରାରେ ପାୱାରଫୁଲ୍ ଆଣ୍ଟିମାକ୍ରୋବିୟଲ ତତ୍ତ୍ୱ ରହୁଥିବାରୁ, ଏହା ବିଭିନ୍ନ ପ୍ରକାର ସ୍କିନ୍ ଇନ୍‌ଫେକ୍ସନରୁ ଆମକୁ ସୁରକ୍ଷା ଦେଇଥାଏ। ଖାସ୍‌କରି ଖରାଦିନେ ଦେଖାଯାଉଥିବା ନାନାଦି ତ୍ୱଚା ଜନିତ ରୋଗରୁ ଏହା ଉପଶମ ଦେଇଥାଏ।
* କିଛି ବିଶେଷଜ୍ଞଙ୍କ ମତରେ, ସିଲଭର୍ ଜୁଏଲେରୀ ପିନ୍ଧିଲେ ସାଧାରଣ ଥଣ୍ଡା, ଫ୍ଲୁ ଆଦି ସହଜରେ ହୋଇ ନଥାଏ। ଏପରିକି ଶରୀରର କୌଣସି ସ୍ଥାନରେ କ୍ଷତ ହୋଇଥିଲେ, ତାହାବି ସିଲଭର୍ ଜୁଏଲେରୀ ସଂସ୍ପର୍ଶରେ ଆସିଲେ ଶୀଘ୍ର ଠିକ୍ ହୋଇଯାଏ। କିନ୍ତୁ ସମସ୍ତଙ୍କର ଯେହେତୁ ସ୍କିନ୍ ସମାନ ନୁହେଁ ତେଣୁ କେତେକଙ୍କଠାରେ ଏହାର ବ୍ୟତିକ୍ରମ ଦେଖାଯାଇପାରେ। ତେଣୁ ସିଲଭର୍ ଜୁଏଲେରୀ କାହା ସ୍କିନ୍‌କୁ କେତେ ଶୁଟ୍ କରିବ ତାହା ପ୍ରଥମେ ଜାଣିନେବା ଆବଶ୍ୟକ।
* ଖରାଦିନେ ସିଲଭର୍ ଜୁଏଲେରୀ ପିନ୍ଧିଲେ ଶରୀରର ତାପମାତ୍ରା ନିୟନ୍ତ୍ରଣରେ ରହିଥାଏ। ସ୍କିନ୍‌କୁ ସଫା ରଖିବା ତଥା ଶୀତଳତା ପ୍ରଦାନ କରିବାରେ ବି ଏହି ଜୁଏଲେରୀର ଅନେକ ଭୂମିକା ଥାଏ।

## ସିଲଭର୍ ଜୁଏଲେରୀର ଧାର୍ମିକ ମହତ୍ତ୍ୱ

* ହିନ୍ଦୁ ଧର୍ମରେ ସିଲଭର୍ ବା ରୂପାକୁ ଖୁବ୍ ପବିତ୍ର ଓ ଶୁଦ୍ଧ ବୋଲି ବିବେଚନା କରାଯାଏ। ଜ୍ୟୋତିଷଶାସ୍ତ୍ର ବି କହେ, ସିଲଭର୍‌ର ସମ୍ପର୍କ କୁଆଡ଼େ ଚନ୍ଦ୍ର ଓ ଶୁକ୍ର ଗ୍ରହ ସହିତ ରହିଛି। ତେଣୁ ଘରେ ସିଲଭର୍‌ର ଜୁଏଲେରୀ ରଖିବା କିମ୍ବା ଶରୀରରେ ସିଲଭର୍ ଜୁଏଲେରୀ ପିନ୍ଧିବା ଅତ୍ୟନ୍ତ ଶୁଭ ହୋଇଥାଏ।
* ବିଜ୍‌ନେସ୍ ୱିମେନ୍‌ମାନେ ନିଜ ଟ୍ରେଜେରୀରେ ସିଲଭର୍‌ର ହାତୀ ରଖିବା ସହିତ ଶରୀରରେ କିଛି ନା କିଛି ସିଲଭର୍ ଜୁଏଲେରୀ ପିନ୍ଧିଲେ, ସେମାନଙ୍କ ପାଖେ କେବେ ବି ଧନର ଅଭାବ ଦେଖାଯାଏ ନାହିଁ। ସେହିପରି ପର୍ସରେ ସିଲଭର୍ କଏନ୍ ରଖିବା ବି ସେମାନଙ୍କୁ ସଫଳତା ଆଣି ଦେଇଥାଏ।
* ସିଲଭର୍ ଜୁଏଲେରୀ ପିନ୍ଧିଲେ ମନ ଶାନ୍ତ ରହେ ଏବଂ ଏକାଗ୍ରତା ବଢିଥାଏ ବୋଲି ବି ବିଶ୍ୱାସ ରହିଛି।
* ଘରେ କେହି ରୋଗୀ ଥିଲେ ତାଙ୍କ ଶେଯ ପାଖରେ ସିଲଭର୍ ଜୁଏଲେରୀ ହେଉ କିମ୍ବା ସିଲଭର୍‌ର ଅନ୍ୟ କୌଣସି ଜିନିଷ ରଖିଲେ ତାଙ୍କ ସ୍ୱାସ୍ଥ୍ୟରେ ଉନ୍ନତି ଆସିଥାଏ ବୋଲି ମାନ୍ୟତା ରହିଛି।





## ସିଲଭର୍ ଜୁଏଲେରୀକୁ ନେଇ କିଛି ଟିପ୍ସ

* ଖରାଦିନେ ଧଳା ରଙ୍ଗର କଟନ୍ କୁର୍ତ୍ତି ସାଙ୍ଗକୁ ସିଲଭର୍ ଷ୍ଟଡ୍ ବହୁତ ସୁନ୍ଦର ଦେଖାଯାଇଥାଏ।
* ଆଉ ଯଦି ଏମ୍ବ୍ରୋଡୋରୀ କାମ ହୋଇଥିବା କୁର୍ତ୍ତି ପିନ୍ଧୁଥାନ୍ତି, ତା'ହେଲେ ଦେଖିବେ ତାହା ଯେମିତି ଗୋଲ୍ଡେନ୍ କଲର୍‌ର ହୋଇ ନଥିବ, ନଚେତ୍ ସିଲଭର୍ ଜୁଏଲେରୀ ସାଙ୍ଗକୁ ତାହା ଭଲ ଦେଖାଯିବ ନାହିଁ।
* ଯଦି ୱେଷ୍ଟର୍ନ ଲୁକ୍ ଚାହୁଁଥାନ୍ତି, ତା'ହେଲେ ଶର୍ଟ୍ସ ଓ ଟପ୍ସ ସାଙ୍ଗକୁ ସରୁର ସିଲଭର୍ ଚୋକର୍ ଓ ହାତରେ ସିଲଭର୍ ଚୁଡ଼ି ପିନ୍ଧି ଟିକେ ଡିଫରେଣ୍ଟ ଲୁକ୍ ପାଇପାରିବେ।
* ହ୍ୟାଣ୍ଡଲୁମ୍ ଶାଢି ସାଙ୍ଗକୁ ବି ସିଲଭର୍ ଜୁଏଲେରୀ ଖୁବ୍ ମାନିଥାଏ।
* ଏବେ ସିଲଭର୍ ଅକ୍ସିଡାଇଜ୍ଡ ଜୁଏଲେରୀର ବି ଖୁବ୍ ଚାହିଦା ରହୁଛି। ଏହାକୁ ଉଭୟ ଟ୍ରାଡିସନାଲ୍ ଓ ମଡର୍ନ ଲୁକ୍ ପାଇଁ ବି ଆରାମରେ ଟ୍ରାଏ କରାଯାଇପାରେ।





# ପ୍ରତ୍ୟେକ ଘଟଣାରୁ କିଛି ଶିଖିଥାଏ



**ପ୍ରଭାଂଶୁ ସାମନ୍ତରାୟ। ଏକଧାରାରେ ସେ ଜଣେ ଅଭିନେତା, ସଂଳାପକାର, ଗୀତିକାର, ଚଳଚ୍ଚିତ୍ର କାହାଣୀକାର, ସଙ୍ଗୀତ ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ପୁସ୍ତକ ପ୍ରକାଶକ।**

ପିଲାଦିନେ ସେ ଗପ ଶୁଣିବାକୁ ଭାରି ଭଲ ପାଉଥିଲେ। ସ୍କୁଲ ବୟସରେ ଛୋଟଛୋଟ କବିତା ଓ ଗପ ଲେଖି ଖୁସି ହେଉଥିଲେ। ଥରେ ତାଙ୍କ ଘରେ ଏକ ଓଡ଼ିଆ ସିନେମା ଶୁଟିଂ ହେଉଥିବା ଦେଖିବା ପରେ ଭବିଷ୍ୟତରେ ଜଣେ ଚଳଚ୍ଚିତ୍ର ନିର୍ଦ୍ଦେଶକ ହେବା କଥା ତାଙ୍କ ମନକୁ ଆସିଥିଲା। ସେ ହେଲେ **ପ୍ରଭାଂଶୁ ସାମନ୍ତରାୟ**। ଏକଧାରାରେ ସେ ଜଣେ ଅଭିନେତା, ସଂଳାପକାର, ଗୀତିକାର, ଚଳଚ୍ଚିତ୍ର କାହାଣୀକାର, ସଙ୍ଗୀତ ନିର୍ଦ୍ଦେଶକ, ପ୍ରଯୋଜକ ଏବଂ ପୁସ୍ତକ ପ୍ରକାଶକ। ଦୂରଦର୍ଶନରେ ପ୍ରସାରିତ ମେଗା ଧାରାବାହିକ କଳିଯୁଗ, ସ୍ୱାଗତମ୍ ସୁପ୍ରଭାତ ଆଦିରେ ସଙ୍ଗୀତ ନିର୍ଦ୍ଦେଶନା ଏବଂ ଓଡ଼ିଆ ଚଳଚ୍ଚିତ୍ର ସମୟ ଚକରେ ସଂସାର ରଥର ପ୍ରଯୋଜକ ଏବଂ ରହିଛି ରହିବି ତୋରି ପାଇଁ, ଓ ମାଇଁ ଲଭ୍‌ର ଯୁଗ୍ମ ସଙ୍ଗୀତ ନିର୍ଦ୍ଦେଶକ ଭାବେ ମଳୟ ମିଶ୍ରଙ୍କ ସହ କାମ କରି ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ବହୁମୁଖୀ ପ୍ରତିଭାକୁ ବିଭିନ୍ନ ଅନୁଷ୍ଠାନରୁ ମିଳିଛି ଅନେକ ସମ୍ମାନ ଓ ପୁରସ୍କାର । ପ୍ରଭାଂଶୁଙ୍କ ଜନ୍ମ ୧୯୬୪ ମସିହା ଜୁନ ୨୧ତାରିଖରେ। ମାତା ଶଶିପ୍ରଭା ସମାନ୍ତରାୟ ଜଣେ ଲେଖିକା ଓ ପ୍ରକାଶିକା। ପିତା ଆଦିକନ୍ଦ ସାମନ୍ତରାୟ ଜଣେ ଶିଳ୍ପପତି। ଘର ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକର କୋଲର ଗାଁରେ। ସେ କୁହନ୍ତି, ଗାଁରେ ପିଲାଦିନେ ସାଙ୍ଗମାନଙ୍କ ସହିତ ବହୁତ ମଜା କରୁଥିଲି। ଆମ ଗାଁ ନିକଟରେ ବହିଯାଇଛି ପାଇକା ନଈ। ଅନ୍ୟପଟେ ମହାନଦୀ। ମୋ ଗାଁର ପଲ୍ଲୀ ପ୍ରକୃତି, ଗ୍ରାମଦେବତୀ ଓ ତା'ର ପରିବେଶରେ ଜୀବିକା ନିର୍ବାହ କରୁଥିବା ବିଭିନ୍ନ ବର୍ଗର ଲୋକଙ୍କ ଚଳଣିକୁ ନେଇ ଗପ ଲେଖୁଥିଲି।





ମୋ ପିଉସା କ୍ଷେତ୍ରମୋହନ ବିଶ୍ୱାଳ ଓ ପିଉସୀ ନାନୀ ଅନ୍ନପୂର୍ଣ୍ଣା ବିଶ୍ୱାଳଙ୍କ ତୁଳଙ୍ଗ ଗାଁରେ ମୁଁ ରହୁଥିବାବେଳେ ଜଗନ୍ନାଥପୁର ସ୍କୁଲରେ ପାଠ ପଢିଥିଲି। ସେତେବେଳେ ଜଗନ୍ନାଥପୁର ହାଟରୁ ବିଭିନ୍ନ ଗପ ବହି କିଣିବା ଏକ ଅଭ୍ୟାସ ହୋଇଯାଇଥିଲା। ସ୍କୁଲ ବୟସରେ ଛୋଟଛୋଟ କବିତା ଓ ଗପ ଲେଖୁଥିଲି ଯାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା। ବାପାଙ୍କ କଟକ ରହଣି ସମୟରେ ରାଜାବଗିଚା ୟୁପି ସ୍କୁଲ, ବାବା ସାଗର ଦାସ ବିଦ୍ୟାପୀଠରେ ପାଠପଢିଥିଲି ଏବଂ କଟକ ପ୍ୟାରିମୋହନ ଏକାଡେମୀରୁ ୧୦ମ ପାସ୍ କରିଥିଲି। ପରେ ଢେଙ୍କାନାଳ, କଟକ ରେଭେନ୍ସା ଏବଂ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ପଢ଼ିଥିଲି। ସେତେବେଳେ ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଶାନ୍ତ ନନ୍ଦ ଓ ବିଶିଷ୍ଟ ନିର୍ଦ୍ଦେଶକ ଏଫ୍‌ଟିଆଇ ପୁଣେର ପ୍ରଫେସର୍ ପି.ଡି. ସିନଏଙ୍କ ସହିତ ସହନିର୍ଦ୍ଦେଶକ ଭାବେ ଜଗାବଳିଆ, ପକା କମଳ ପୋତ ଛତା, ହୀରାଲୀଳା, ସପନବଣିକ ଆଦି ଚଳଚ୍ଚିତ୍ରରେ କାମ କଲି। ଅନ୍ୟପକ୍ଷେ ତଅପୋଇ ଚଳଚ୍ଚିତ୍ରର ପ୍ରଯୋଜିକା, ଭଉଣୀ ପୁଷ୍ପା ସାମଲ ଓ ଭିଣୋଇ ସୁବୋଧ ଚନ୍ଦ୍ର ସାମଲଙ୍କ ପ୍ରେରଣାରେ ଚଳଚ୍ଚିତ୍ର ନିର୍ଦ୍ଦେଶନା ଓ ପ୍ରଯୋଜନାକୁ ଆସିଲି । ୧୯୮୩ରେ ରାଜାବଗିଚା ବାସଭବନରେ 'ଡୋରା' ଚଳଚ୍ଚିତ୍ରର ଶୁଟିଂ ଚାଲିଥାଏ। ସେଥିରେ କାମ କରିଥିବା ପ୍ରଶାନ୍ତ ନନ୍ଦ ଓ ଓଡିଆ ସିନେମା ଅଟୋଗ୍ରାଫର୍ ସୁରେନ୍ଦ୍ର କୁମାର ସାହୁଙ୍କ ପ୍ରେରଣା ମତେ ଚଳଚ୍ଚିତ୍ରରେ କାମ କରିବାକୁ ଉତ୍ସାହିତ କରିଥିଲା। ୧୯୯୨ ମସିହାରେ 'ଚକ ଗଡ଼ିଲେ ବାର ହାତେ' ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦାୟିତ୍ୱ ହାତକୁ ନେଲି । ହେଲେ ସେହି ଚଳଚ୍ଚିତ୍ରରେ ଅଭିନୟ କରିଥିବା ମାତୃତୁଲ୍ୟା ବରିଷ୍ଠ କଳାକାର ସୁଜାତା ଆନନ୍ଦଙ୍କ ବିୟୋଗ ମତେ ଦୁଃଖ ଦେଇଥିଲା। ସେହି ଚଳଚ୍ଚିତ୍ରଟି ଶୁଟିଂ ହୋଇ ଅଧାରୁ ରହିଗଲା। ମହାବାତ୍ୟାରେ କଳିଙ୍ଗ ଷ୍ଟୁଡିଓରେ ଥିବା ବିଭିନ୍ନ ଶୁଟିଂ ସାମଗ୍ରୀ ଭାଙ୍ଗି ଛାରଖାର ହୋଇଯାଇଥିଲା। ପରେ ଓଡ଼ିଶାର ପ୍ରଥମ ଫ୍ଲାଏଆଶ ବ୍ରିକ୍ସ ୧୯୯୭ରେ ମୋ ଝିଅ ନାଁରେ 'ଶିମୁଲ ବ୍ରିକ୍ସ' ସ୍ଥାପନ କରିଥିଲି। ଚଳଚ୍ଚିତ୍ର ନିର୍ମାଣ ପ୍ରତି ଆଗ୍ରହ ଥିବାରୁ ୨୦୦୨ରେ 'ସମୟ ଚକରେ ସଂସାର ରଥ,' ୨୦୦୩ରେ 'ରହିଛି ରହିବି ତୋରି ପାଇଁ' ଓ ୨୦୦୫ମସିହାରେ 'ଓ ମାଇଁ ଲଭ୍' ଆଦି ଓଡ଼ିଆ ଚଳଚ୍ଚିତ୍ରର କାମ କରିଥିଲି। ସମୟ ଚକରେ ସଂସାର ରଥ ଶ୍ରେଷ୍ଠ ଚଳଚ୍ଚିତ୍ର ପାଇଁ ସିଲଭର ସିଟି ଆୱାର୍ଡ ମିଳିଥିଲା। ସମୟ ଚକରେ ସଂସାର ରଥ' ଏକ ମଲ୍ଟିଷ୍ଟାରର୍ ଚଳଚ୍ଚିତ୍ର ଥିଲା। କହିବାକୁ ଗଲେ ଓଡ଼ିଶାର ବଛାବଛା କଳାକାରମାନେ ଏହି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଜୟଦେବ ଆୱାର୍ଡ଼ ପ୍ରାପ୍ତ ବିଜୟ ମିଶ୍ରଙ୍କୁ ମୁଁ ସବୁବେଳେ ଗୁରୁଭଳି ସମ୍ମାନ କରେ। ମୁଁ ଯେତେବେଳେ ଚଳଚ୍ଚିତ୍ରର ଜୁରୀ ସଦସ୍ୟ ଥିଲି ପାଞ୍ଚଟି ନୂଆ ବିଭାଗ ଯଥା- ଡାଇଲଗ, ମେକଅପ, କୋରିଓଗ୍ରାଫି, କଷ୍ଟ୍ୟୁମ ଆଦି ଆୱାର୍ଡ ଏବଂ କ୍ୟାଶ ପ୍ରାଇଜକୁ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଏହାଛଡା ପ୍ରଥମ ଥର ଲାଗି ଓଡ଼ିଶା ସରକାରଙ୍କ ଦ୍ୱାରା ଟେଲିଷ୍ଟେଟ ଆୱାର୍ଡ ଜୁରୀ ସଦସ୍ୟମାନଙ୍କ ପ୍ରେରଣାରେ ଆରମ୍ଭ ହୋଇଥିଲା। ଏହାବାଦ ମୁଁ ମୋର ବଛାବଛା ଗଳ୍ପକୁ ନେଇ ଗପ-କଥାଶିକୁଳି ଏବଂ ମହୋଦୟ ସମୀପେଷୁ ନାମରେ ଏକ ନାଟକ ସଙ୍କଳନ କରିଛି। ଜୀବନର ପ୍ରତ୍ୟେକ ଘଟଣା ମୋତେ ଶିକ୍ଷା ଦିଏ। ପରିବାରରେ ପତ୍ନୀ ଶ୍ରେୟା ଏବଂ ଝିଅ ଶିମୁଲର ସହଯୋଗ ମୋ ସହିତ ରହିଛି। ସିନେମା ଓ ପୁସ୍ତକ ପ୍ରକାଶନ ସହିତ ମୋ ମା'ଙ୍କ ଦିବ୍ୟଦୂତ ପ୍ରକାଶନୀ କାମକୁ ମୁଁ ସମାନ୍ତରାଳ ଭାବେ ଜାରି ରଖିଛି।

**-ବନବିହାରୀ ବେହେରା**






## ବୋଉ

–ପରଂବ୍ରହ୍ମ ତ୍ରିପାଠୀ

ବୋଉ ବୁଝେନି ମୁଁ କଣ କରେ
ବୋଉ ଜାଣିବାକୁ ଚାହେଁନି ମୁଁ କେମିତି
କରେ
ବୋଉର ବିଶ୍ୱାସ
ମୁଁ ଯାହା କରେ ଠିକ୍ କରେ।

ବୋଉ ପଚାରିନି  ତୋ ଦରମା କେତେ
ଏକଥା ବି ପଚାରେନା ଖରଚୁଛୁ କେତେ,
ସଂଚୁଛୁ କେତେ
ବୋଉର ଗୋଟିଏ ପ୍ରଶ୍ନ
କୁନୁ, ଖାଉଛୁ କି ନାହିଁ ଠିକ୍ ସମୟରେ।

ବୋଉ ପାଇଁ ତା କୁନୁ ବଡ଼
ସେଲାଗି ତ ମୋ ପାଇଁ ସିଏ ସବୁ
ମୂର୍ତ୍ତିଠାରୁ ବଡ଼।

*–ନାଉଗାଁ ହାଟ, ଜଗତସିଂହପୁର*
*ମୋ: ୯୭୧୭୩୦୨୨୦୫*

## ଆପଣା ପର

– ମନୋଜ କୁମାର ଭଳ

କାନ୍ଦିବା ଟା ଯଦି
ମୋ ଭାଗ୍ୟରେ ଲେଖା
ଲୁହକୁ କେମିତି ଭାବିବି ପର ?

ଦହନ ତ କେବେ
ପାଖ ଛାଡୁନାହିଁ
ଯନ୍ତ୍ରଣା ଜୁଇକୁ ସ୍ୱାଗତ ମୋର ।

ଦୁଃଖର ନଈରେ
ପ୍ରଖର ଜୁଆର
ତଥାପି ପହଁରେ ନିତି ,

ବେସୁରା ହେଲେବି ମୋ ସୂର୍ ରାଗିଣୀ
ବେଦନାର ଗୀତ ଗାଉଛି ଗାଇବି
ତୁଚ୍ଛ ଏଠି ସ୍ନେହ ପ୍ରୀତି ।

*–ପ୍ରତାପପୁର, ନାଲଗୁଣ୍ଡା, ମତୋ, ଭଦ୍ରକ, ମୋ: ୯୯୩୭୪୯୮୬୯୩*



## ସ୍ମୃତି

–ସାଇଜ୍ୟୋତି ପ୍ରଧାନ

ମଇଳା ହେଲାଣି କାନ୍ଥ। ପୁରୁଣା ପଡ଼ିଲାଣି ରଙ୍ଗ। ଭଲ ଘର ଲୋକ ରହିଲା ପରି ଦିଶୁନି ଏ ଘର। ରଙ୍ଗ ଚଢ଼େଇଦେବା କହି ସ୍ୱାମୀ ଖାଇବା ସାରି ଉଠିଗଲେ। ସୁଚି ଭାବିଲା, ଚଳିଯାଉଛି ତ। ଏବେ ରଙ୍ଗ ନ ଦେଲେ ହୁଅନ୍ତାନି ! କୋଉ ବାହାବ୍ରତ ଅଛି ଯେ ଏତେ ବ୍ୟସ୍ତ ! ଯେମିତି ହୁ ହୁ ହୋଇ ସବୁ ଜିନିଷର ଦାମ୍ ବଢ଼ିଚାଲିଛି, ରଙ୍ଗ, ବ୍ରଶ୍ ଆଉ ରଙ୍ଗମିସ୍ତ୍ରୀରେ ଭଲକି ଖର୍ଚ୍ଚ ହବ। ସୁଚି ଭାବିଲା ଏ ସମୟରେ ବାଦ୍ ଦେଇ ହୁଅନ୍ତା ଏଇ ଅତିରିକ୍ତ ଖର୍ଚ୍ଚକୁ। କିନ୍ତୁ, ସେ ଭଲ ଭାବରେ ଜାଣେ ତା ସ୍ୱାମୀକୁ ; ଯାହା ବୁଝିଥିବେ ସେଇଆ। ବଦଳେଇ ହେବନି ତାଙ୍କ ନିଷ୍ପତ୍ତିକୁ।

ଟେବୁଲରୁ ବାସନ ଉଠେଇ ନେଉ ନେଉ ସୁଚି ଥରେ ଆଖି ବୁଲେଇ ଆଣିଲା ଚାରିପଟକୁ। ଓଃ ! ଏତେ ଜିନିଷପତ୍ର ! ତାକୁ ଟେକାଉଠା କରି ରଙ୍ଗକାମ ସରିବା ପରେ ପୁଣି ତାକୁ ସଜାଡ଼ିବାର ଚିନ୍ତାରେ ତା ମୁଣ୍ଡ ଭାରି ହେଇଗଲା। ସ୍ୱାମୀ କହିଲେ, 'ଘର ରଙ୍ଗ କରିଦେଲେ ନୂଆ ପରି ଲାଗିବ। ବାଛି ବାଛି ପୁରୁଣା ଅଦରକାରୀ ଜିନିଷ, କପଡ଼ା ଫିଙ୍ଗିଦବ। ଯେତେ କମ୍ ଜିନିଷ ରହିବ, ଘର ସେତେ ସଫା ଲାଗିବ।' ନୂଆଘର ତିଆରି ହେବା ପରି ରଙ୍ଗ ଦେବାକୁ ନେଇ ପୁଅଝିଅ ଓ ସ୍ୱାମୀ ଭିନ୍ନ ଭିନ୍ନ ପ୍ରକାରେ ଭାବୁଥାନ୍ତି। ଅନିଚ୍ଛା ସତ୍ତ୍ୱେ ସୁଚି ରଙ୍ଗ ପସନ୍ଦ କଲା।


ତିନିଜଣ ରଙ୍ଗମିସ୍ତ୍ରୀ ସାତ ଦିନ ଲାଗି ପୂରା ଘରେ ରଙ୍ଗ ଚଢ଼େଇଦେଲେ। ସତକୁ ସତ ରଙ୍ଗ ଲାଗିଯିବା ପରେ ଘର ନୂଆ ପରି ଦେଖାଗଲା। ସୁଚି କାନ୍ଥକୁ ଚାହିଁ ଖୁସି ହେଇଗଲା। ପଛପଟେ ପାହାଡ଼ ପ୍ରମାଣ ଜିନିଷପତ୍ର ଗଦା ହେଇଥାଏ। ଏସବୁ ସଜାଡ଼ିବାକୁ ତାକୁ ନିହାତି ମାସେ ଲାଗିଯିବ। ଖୁସିକୁ ପହଁରେଇ ଆଣୁଥାଏ ଚିନ୍ତା। ସୁଚି ଦେଖିଲା, ତା ବାରବର୍ଷର ଝିଅ ମନଦୁଃଖରେ ବସିଛି। କଣ ହେଇଛି ବୋଲି ପଚାରିଲା। ଝିଅ ଯାହା କହିଲା, ତାହା ଶୁଣି ସୁଚି ବି ବିମର୍ଷ ହୋଇଗଲା। ତା କହିବା ଅନୁସାରେ....

ଘର ରଙ୍ଗ ହେବା ପରେ ଝିଅ ଯେତିକି ଖୁସି ହେଲା, ସେତିକି ମନଦୁଃଖ ମଧ୍ୟ କଲା। ଏଇ ଉପର ଘରକୁ ସେମାନେ ଆସିଲା ବେଳକୁ ତାକୁ ପାଞ୍ଚ ବର୍ଷ ହେଇଥିଲା। ଘରର କାନ୍ଥରେ କୁନି କୁନି ତେଢ଼ାମେଢ଼ା ଅକ୍ଷରରେ ବହୁତ କଥା ଲେଖିଥିଲା ସେ। ଯାହା ଉପରେ ସେ ରାଗୁଥିଲା, କବାଟକୁ ଲାଗିଥିବା କାନ୍ଥରେ ହିନ୍ଦୀ–ଇଂରାଜୀ ମିଶାମିଶି ଭାଷାରେ ସମସ୍ତଙ୍କ ନାଁରେ ଲେଖିଥିଲା। କେବେ ରାଗରେ, କେବେ ଦୁଃଖରେ, କେବେ ଖୁସି ହେଲେ ବି ଲେଖେ ସେ। ସୁଚି ବିରକ୍ତ ହୁଏ କାନ୍ଥରେ ଲେଖୁଛି ବୋଲି। ସେ ବଡ଼ ହେବା ପରେ ସୁଚି ଓ ଅନ୍ୟମାନେ ସେସବୁ ପଢ଼ିକି ତାକୁ ଚିଡ଼ାନ୍ତି। ତା ଧାଡ଼ିସବୁ ତଳଆଡ଼କୁ ଲମ୍ବି ଯାଇଥାଏ ବୋଲି ଅକ୍ଷରସବୁ ଦିଲ୍ଲୀରୁ ଦୌଲତାବାଦ୍ ଯାଉଛନ୍ତି ବୋଲି ପୁଅ ତାକୁ ଚିଡ଼ାଏ।

ଏବେ ଯେଉଁ ରୁମ୍ ତା'ର ହେଇଛି, ସେଇଟା ଆଗରୁ ତା ଭାଇର ରୁମ୍ ଥିଲା। ପଢୁ ପଢୁ ସେ ପଢ଼ା ଟେବୁଲ୍ ପାଖ କାନ୍ଥରେ ପିରିୟଡିକ୍ ଟେବୁଲ୍ ଲେଖିଥିଲା। ସ୍କୁଲରେ ଦଣ୍ଡ ପାଇଥିଲା ଏଇ ପିରିୟଡିକ୍ ଟେବୁଲ୍ ପାଇଁ। କାନ୍ଥରେ ଲେଖି ମନେ ରଖିଲା ତାକୁ। ପୋକେମନର ଚିତ୍ର ଆଙ୍କିଥିଲା। ସୁଚି ସେଇ ପୋକେମନ୍ ଚିତ୍ର ପାଇଁ କେତେ ଗାଳିକରିଛି ତାକୁ। ଛୋଟବେଳେ ରିମୋଟ୍ କଣ୍ଟ୍ରୋଲ୍ ହେଲିକପ୍ଟର୍ ତାକୁ ଦିଆଯାଇନି ବୋଲି ମନେରଖିଛି ସେ। ଟିକିଏ ବଡ଼ ହେବା ପରେ ବି ବୋଧେ ଭୁଲିନଥିଲା। କୁନି କୁନି ନାଲି ଅକ୍ଷରରେ କାନ୍ଥରେ ତା'ର କ୍ଷୋଭକୁ ଉତ୍ତାରିଥିଲା। ସେଇ କାନ୍ଥ ସେ ହଷ୍ଟେଲ୍ ଯିବା ପରେ ବି ତା ଉପସ୍ଥିତିକୁ ମନେ ପକେଇ ଦିଏ।

ଭାଇଭଉଣୀ ମାଡ଼ଗୋଳ ହେଲା ବେଳେ କାନ୍ଥରେ ଗୋଇଠା ଦାଗ ଛପି ଯାଇଥିଲା। ତାହା ପିଲା ଦୁହିଁଙ୍କର ସବୁଠୁ ସୁନ୍ଦର ସ୍ମୃତି। ନିଜ ନିଜ ଜୀବନରେ ଆଗେଇ ଯିବା ପରେ ବି, ପରସ୍ପରଠାରୁ ଦୂରରେ ରହିବା ପରେ ବି ସେଇ ଗୋଇଠା ଚିହ୍ନ ସେମାନଙ୍କର ବାଲ୍ୟସ୍ମୃତି ହୋଇ ରହିଥାନ୍ତା କାନ୍ଥରେ। ଝିଅ ସୁଚି ଉପରେ ରାଗିଲେ ପେନସିଲରେ ହାତୀ ଚିତ୍ର ଆଙ୍କି ତା ଉପରେ ମାମା ଲେଖିଥିଲା। ତା ଭାଇର ରିକେଟ୍ସ ରୋଗୀ ପରି ଚିତ୍ର ଆଙ୍କି କେନିଆ ଲେଖିଥିଲା। ତା ବାପାର ଚିତ୍ର ଆଙ୍କି ପେଟୁ ଲେଖିଥିଲା। କବାଟ ପଛ, ଖଟପାଖ କି ଆଲମାରି ପାଖରେ ଏସବୁ କାରସାଦି କରୁଥିଲା ସେ।
ରଙ୍ଗ ଦେବା ପରେ ସବୁ ଲିଭିଗଲା। ସେଥି ପାଇଁ ତା ମନ ଦୁଃଖ। ସୁଚି ଭାବିଲା, ସେଇ ସବୁ କଞ୍ଚା ହାତର ଖଣ୍ଡବାକ୍ୟ ଓ ଅଣକୁଶଳୀ ଚିତ୍ରରେ ପିଲାଙ୍କର କେତେ ଯେ ଭାବପ୍ରବଣତା ଥିଲା। ଅନେକ ଅକୁହା କଥା ଚିତ୍ରର ରୂପ ନେଇଥିଲେ। ଅନ୍ତତଃ ସେଇ ଚିତ୍ରିତ କାନ୍ଥରେ ସମୟ ଅଟକି ରହିଥିଲା। ସେ ବି ଗଲା। ଆଗରୁ ଭାବିପାରିଥାନ୍ତା କି ସୁଚି ! କ୍ୟାମେରାରେ ବାନ୍ଧି ପାରିଥାନ୍ତା ସେସବୁ ସ୍ମୃତିକୁ। ଗୋଟିଏ ଲମ୍ବା ଦୀର୍ଘଶ୍ୱାସ ଓ ଅସନ୍ତୁଷ୍ଟିର ବୋଝ ନେଇ ଜିନିଷପତ୍ର ସଜାଡ଼ିବାକୁ ଉଠିଗଲା ସୁଚି।

*–ଖଲାରୀ, ଅନୁଗୋଳ*
*ମୋ: ୮୯୧୭୨୮୦୧୭୦*





## ଯୁଦ୍ଧ

– ସୁଷମା ଦାଶ

ସଭ୍ୟତାଟେ ଉନ୍ନତିର ଶିଖର
ଛୁଇଁବାକୁ
ଲାଗେ କେତେ ସମୟ,
ବିଲୟର ଅବଧି କେତେ ନିମିଷ
ମାତ୍ର  !

ଏମିତି ହୁଅନ୍ତା ନି  !
ବାରୁଦ ଗନ୍ଧ ସବୁ ଫୁଲର
ମହକରେ ମହକି ଯାଆନ୍ତା,
ହାତର କମାଣ ସବୁ ଗଜରା
ମୃତ ଦେହରେ ଜୀବନ
ନଷ୍ଟ ଅଟାଳିକା ପୁଣି
ଧୂଳି ଝାଡି ଠିଆ ହେଇଯାନ୍ତେ
ନଭଚୁମ୍ବି ହେଇ ।

ଆକ୍ରୋଶର ମୁହଁରେ ଉକୁଟି
ଉଠନ୍ତା ହସ
ସମର ସଜାଇବା ବେଳେ
ସନ୍ଧିପତ୍ର ଲେଖା ହୁଅନ୍ତା
ଆଗ୍ରହରେ ।

ଯୁଦ୍ଧ ଆରମ୍ଭ ହେଉ ହେଉ
ଅନ୍ତିମ ସୂର୍ଯ୍ୟାସ୍ତର ଛବି
ଅସ୍ତାଞ୍ଚଳରୁ ଲିଭିଯାଇ
ସ୍ୱର୍ଣ୍ଣିମ ସକାଳ ଉଦୟ ହୁଅନ୍ତା।

*– ଟ୍ରାଇଡେଣ୍ଟ ଗାଲାକ୍ସି, ଭୁବନେଶ୍ୱର*
*ମୋ: ୭୦୦୮୨୧୦୯୬୦*



# କିଆରାଙ୍କ ଖୁସି

କଥାରେ ଅଛି-ଏମନ ଖୋଜୁଥାଏ ଯାହା, କାଳେ ପ୍ରାପତ ହୁଏ ତାହା। ଦେଖୁନାହାନ୍ତି, ଘଟଣାଟି ଘଟିବା ପରେ କିଆରାଙ୍କ ମନ କେମିତି ଆକାଶରେ ଉଡୁଛି। ଏହା ପଛରେ ତ ନିଶ୍ଚୟ କିଛି କାରଣ ଥିବ। ହଁ, କଥା କ'ଣ କି କିଆରା ଆଡଓ୍ୱାନୀଙ୍କୁ ଖୁବ୍ ଶୀଘ୍ର ସଲମାନ୍ ଖାଁଙ୍କ ସହ ଦେଖିବାକୁ ମିଳିବ। ଆଉ ଫିଲ୍ମଟିର ଟାଇଟଲ ରହିଛି 'ସିକନ୍ଦର'। ସଲମାନଙ୍କର ଏହି ନୂଆ ପ୍ରୋଜେକ୍ଟ ବିଷୟରେ ନିକଟରେ ଘୋଷଣା କରାଯାଇଛି। ଏହି ଫିଲ୍ମଟିର ପ୍ରାରମ୍ଭିକ କାମ ଚାଲୁ ରହିଛି। ଏହାର ଟାଇଟଲ ଭୂମିକାରେ ସଲମାନ ଅଭିନୟ କରିବେ ଆଉ ତାଙ୍କର ନାୟିକା ଭୂମିକାରେ ପରଦା ଉପରକୁ ଆସିବେ କିଆରା। ଏ ସମ୍ପର୍କରେ କିଆରା କୁହନ୍ତି, 'ଯେତେବେଳେ ମୋତେ ଏହି ଅଫରଟି ମିଳିଲା ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। ସଲମାନ୍‌ଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବା ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏହି ଫିଲ୍ମରେ ଆମର ଯୋଡିକୁ ଦର୍ଶକ ଗ୍ରହଣ କରିବେ ବୋଲି ଆଶା ରଖିଛି।' ଏହି ଫିଲ୍ମଟି ନାଦିଆଦଓ୍ୱାଲା ଗ୍ରାଣ୍ଡସନ୍‌ସ ବ୍ୟାନରରେ ପ୍ରସ୍ତୁତ ହେବ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେବେ ବଲିଉଡ୍ ଆଗଧାଡିର ସ୍ୱର ସଂଯୋଜକ ପ୍ରୀତମ। ଏହାପୂର୍ବରୁ ସେ ସଲମାନଙ୍କ ଅଭିନୀତ 'ରେଡ୍ଡି', 'ବଡିଗାର୍ଡ', 'ବଜରଙ୍ଗୀ ଭାଇଜାନ୍', 'ଟ୍ୟୁବ୍‌ଲାଇଟ୍' ଏବଂ 'ଟାଇଗର-୩'ର ସଙ୍ଗୀତ ନିର୍ଦ୍ଦେଶନା ଦେଇସାରିଛନ୍ତି।


କିଆରା


ଇଲିଆନା

# ପାଠ ପଢ଼ାଇବେ ଇଲିଆନା

ଇଲିଆନା ଡି'କ୍ରୁଜ ଏଣିକି ପାଠ ପଢ଼ାଇବେ। ଏହାର ଅର୍ଥ କ'ଣ ଏଇଆ ଯେ, ସେ ଅଭିନୟକୁ ଗୁଡବାୟ କହିଦେଲେ ? ନା, ଅସଲ କଥା ସେଇଆ ନୁହେଁ। ସେ ପାଠ ପଢ଼ାଇବେ-ଏକଥା ସତ, ହେଲେ ଏହାର ସଂଯୋଗ ରହିଛି ତାଙ୍କର ଅଭିନୟ ଜୀବନ ସହ। ଅସଲ କଥା ହେଲା ଖୁବ୍‌ଶୀଘ୍ର ସେ ବଡ଼ ପରଦାରେ ଶିକ୍ଷୟିତ୍ରୀ ଭୂମିକାରେ ଦେଖାଦେବେ। ଏ ନେଇ ଏବେଠାରୁ ସେ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଏଭଳି ଭୂମିକା ସମ୍ପର୍କରେ ସେ କହନ୍ତି, 'ଜଣେ ଶିକ୍ଷୟିତ୍ରୀ କେତେ କଷ୍ଟ ସ୍ୱୀକାର କରି ନିଜ ପରିବାରକୁ ଚଳାଉଛି ପୁଣି ତା' ଚଲାପଥରେ କେତେ ବାଧାବିଘ୍ନ ଆସୁଛି ତାହାକୁ ଆଧାର କରି କାହାଣୀ ଆଗେଇଛି। ଏଭଳି ଭୂମିକା ପାଇଁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲିଣି। କେବଳ ସେତିକି ନୁହେଁ, କେତେଜଣ ସ୍କୁଲ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରି ପାଠ ପଢ଼ାଇବାର ତରିକା ମଧ୍ୟ ଶିଖୁଛି। ଆଶା ରଖିଛି ମୋର ଏହି ଭୂମିକାକୁ ଦର୍ଶକ ପସନ୍ଦ କରିବେ।'

# ମହାକାଳ

ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ମହାକାଳ'। ଏଥିରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା, କମେଡି ଏବଂ ଆକ୍ସନ ଭରି ରହିଛି। ଖାସ୍ କଥା ହେଲା ଏହି ଚିତ୍ରଟିର ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି ଦେବବ୍ରତ ପ୍ରଧାନ। କେବଳ ସେତିକି ନୁହେଁ ସେ ଏହାର ନିର୍ଦ୍ଦେଶକ ମଧ୍ୟ ସାଜିଛନ୍ତି। କାହାଣୀ ରଚନା କରିଛନ୍ତି ଆଗଧାଡିର କାହାଣୀକାର ଭରଦ୍ୱାଜ ପଣ୍ଡା। ଫିଲ୍ମ ସମ୍ପର୍କରେ ଦେବବ୍ରତ କହନ୍ତି, 'ଏହାର କାହାଣୀକୁ ଚୂଡାନ୍ତ ରୂପ ଦେବାକୁ ବେଶ୍ ପରିଶ୍ରମ କରିବାକୁ ପଡିଥିଲା। ଏଥିରୁ ଦର୍ଶକ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହାର ମୁଖ୍ୟ ଭୂମିକାରେ ମୁଁ ଅଭିନୟ କରିଛି। ତା' ସହ ନିର୍ଦ୍ଦେଶନା ପରି ଗୁରୁ ଦାୟିତ୍ୱ ବି ତୁଲାଉଛି। ଏହି ଦୁଇଟି କଥାକୁ କିପରି ଠିକ୍ ଭାବରେ ନେଇ ଆଣି ଥୋଇ ପାରିବି ସେଥିଲାଗି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। ଏହାର ଗୀତଗୁଡିକ ମଧ୍ୟ ବେଶ୍ ଶ୍ରୁତିମଧୁର ହୋଇଛି।' ଦେବ୍‌ସ୍ ଏଣ୍ଟରଟେନମେଣ୍ଟ ବ୍ୟାନରର ଏହା ହେଉଛି ଦ୍ୱିତୀୟ ଚଳଚ୍ଚିତ୍ର। ଏହା ପୂର୍ବରୁ ଏହି ବ୍ୟାନରରେ 'ପ୍ରେମ ତୋର ନଟି ନଟି' ପ୍ରସ୍ତୁତ ହୋଇ ସଫଳତା ହାସଲ କରିଥିଲା। ଫିଲ୍ମଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ଗୁଡଲି ରଥ। ଦେବବ୍ରତଙ୍କ ବ୍ୟତୀତ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ମୋନାଲି, ପାୟଲ, ସଞ୍ଜନା, ଶ୍ୱେତା ପ୍ରମୁଖ କଳାକାର। ତେବେ ଫିଲ୍ମଟିରେ କି ମସଲା ରହିଛି ତାହା ଜାଣିବାକୁ ଏହାର ରିଲିଜ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।


ମୋନାଲି-ଦେବବ୍ରତ

# ପୋଲିସ୍ ଅଫିସର୍ ଦୀପିକା

ଦୀପିକା ପାଦୁକୋନ୍ ବେଶ୍ ଉତ୍ସୁକତାର ସହ ଚଳିତବର୍ଷର ସ୍ୱାଧୀନତା ଦିବସକୁ ଅପେକ୍ଷା କରିଛନ୍ତି। କାରଣ କ'ଣ ଜାଣନ୍ତି ? ଏହି ଦିନ ସେ ଅଭିନୟ କରିଥିବା 'ସିଙ୍ଘମ ଅଗେନ୍' ରିଲିଜ ହେବାକୁ ଯାଉଛି। ଏହି ଫିଲ୍ମଟିରେ ନିଜ ଭୂମିକାର ସଫଳତାକୁ ନେଇ ଶତ ପ୍ରତିଶତ ଆଶାବାଦୀ ଅଛନ୍ତି ସେ। ଖାସ୍ କଥା ହେଲା, ଏଥିରେ ଦୀପିକା ଜଣେ ପୋଲିସ ଅଫିସର ଭୂମିକାରେ ଅଭିନୟ କରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ଯେତେବେଳେ ଏଭଳି ଭୂମିକା ବିଷୟରେ ଅବଗତ ହେଲି, ସେତେବେଳଠାରୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିଥିଲି। ଏଥିରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିଛି। ଶୁଟିଂ ସମୟରେ ବେଶ୍ ପରିଶ୍ରମ କରିବାକୁ ପଡିଛି। କେବଳ ମୁଁ ନୁହେଁ,ଏହି ଫିଲ୍ମରେ ଅଭିନୟ କରୁଥିବା ସମସ୍ତ କଳାକାର ନିଜର ଦ ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ରୋହିତ ସେଟ୍ଟି। ଦୀପିକାଙ୍କ ବ୍ୟତୀତ ଏହି ଫିଲ୍ମରେ ଅଜୟ ଦେବଗନ, କରୀନା କପୁର, ରଣବୀର ସିଂ, ଅକ୍ଷୟ କୁମାର ଏବଂ ଜ୍ୟାକି ଶ୍ରଫ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ଏହି ମଲ୍ଟି ଷ୍ଟାରର ଫିଲ୍ମରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡିବ।


ଦୀପିକା

# ଶିବ ଅବତାର


ଅକ୍ଷୟ କୁମାର

ଖିଲାଡି ମାଷ୍ଟର ଅକ୍ଷୟ କୁମାର ନିକଟରେ ତାଙ୍କ ଅଭିନୟ ପୃଷ୍ଠାରେ ଆଉ ଏକ ସ୍ମରଣୀୟ ଅଧ୍ୟାୟ ଯୋଡିଛନ୍ତି। କଥା କ'ଣ କି ସେ ପ୍ରଥମ ଥର ପାଇଁ ତେଲୁଗୁ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ଏହାର ଟାଇଟଲ ରହିଛି 'କନ୍ନାପ୍ପା'। ଏଥିରେ ଅକ୍ଷୟ ହରହର ମହାଦେବ ବା ଶିବ ଭୂମିକାରେ ଅଭିନୟ କରିବେ। ନିକଟରେ ସେ ହାଇଦ୍ରାବାଦ ଯାଇ ଏହି ଫିଲ୍ମର ପ୍ରଯୋଜନା ସଂସ୍ଥା ଏବଂ ଏଥିରେ ଅଭିନୟ କରୁଥିବା ସମସ୍ତ କଳାକାରଙ୍କ ସହ ମିଶିଥିଲେ। ଏ ନେଇ ଅକ୍ଷୟ କହନ୍ତି, 'ଏହା ନିଶ୍ଚୟ ମୋ ପାଇଁ ଏକ ନୂଆ ଅଭିଜ୍ଞତା। ତେଲୁଗୁ ସିନେମା ଏକ ବିଶାଳ ପ୍ଲାଟଫର୍ମ। ଏଠାରେ ନିର୍ମିତ ହେଉଥିବା ଫିଲ୍ମଗୁଡିକର ସ୍ୱତନ୍ତ୍ର ଚାହିଦା ଥାଏ। ତେଣୁ ସେଭଳି ଇଣ୍ଡଷ୍ଟ୍ରିରେ ଏଣ୍ଟ୍ରି କରି ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। ଏହାର କାହାଣୀ ବେଶ୍ ଦମଦାର। ଦର୍ଶକ ଏଥିରେ ମୋତେ ଶିବ ଚରିତ୍ରରେ ଦେଖିବାକୁ ପାଇବେ। ଏହି ଫିଲ୍ମରେ ଅକ୍ଷୟ କୁମାରଙ୍କ ବ୍ୟତୀତ ପ୍ରୀତି ମୁକୁନ୍ଦନ, ମୋହନଲାଲ୍, ପ୍ରଭାସ, ମୋହନ ବାବୁ, ଆର. ଶରତକୁମାର, ବ୍ରହ୍ମାନନ୍ଦମ, ମଧୁ ଏବଂ ମୁକେଶ ରିଷି ପ୍ରମୁଖ କଳାକାର ଅଭିନୟ କରିବେ।

# ରହସ୍ୟ ଖୋଲିଲେ ପରିଣିତି

ପରିଣିତି ଚୋପ୍ରା ଇତି ମଧ୍ୟରେ ହାତକୁ ଦି' ହାତ ହୋଇସାରିଛନ୍ତି। ହେଲେ ନିକଟରେ ସେ ନିଜ ଅଭିନୟ କ୍ୟାରିୟରର ଏକ ରାଜ୍ ଖୋଲିଛନ୍ତି। ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ 'ଆନିମଲ'ର ଯେତେବେଳେ କାଷ୍ଟିଂ ଚାଲିଥିଲା ସେତେବେଳେ ପରିଣିତିଙ୍କୁ ସାଇନ୍ କରାଇବା ପାଇଁ ନିର୍ଦ୍ଦେଶକ ଇଚ୍ଛା ପ୍ରକାଶ କରିଥିଲେ। କେବଳ ସେତିକି ନୁହେଁ, ଏ ନେଇ ତାଙ୍କୁ ଯୋଗାଯୋଗ କରାଯାଇଥିଲା। କିନ୍ତୁ ଅଫରଟିକୁ ସେ ହାତଛଡା କରିଥିଲେ। ତେବେ ଏହା ପଛରେ ପ୍ରକୃତରେ କି କାରଣ ଥିଲା ସେ ନେଇ ନିକଟରେ ମୁହଁ ଖୋଲିଛନ୍ତି ପରିଣିତି। ସେ କହନ୍ତି, 'ଯେତେବେଳେ ମୋତେ 'ଆନିମଲ' ପାଇଁ ଯୋଗାଯୋଗ କରାଗଲା ଏବଂ କୁହାଗଲା ଯେ, ଖୁବ୍ ଶୀଘ୍ର ଏହାର ଶୁଟିଂ ଆରମ୍ଭ ହେବ। ସେତେବେଳେ ମୁଁ ଅଡୁଆରେ ପଡିଯାଇଥିଲି। କାରଣ ଏହାପୂର୍ବରୁ ମୁଁ 'ଚମକିଲା' ପାଇଁ ଡେଟ୍ ଫାଇନାଲ କରିସାରିଥିଲି। ତେଣୁ ବାଧ୍ୟ ହୋଇ ଏହି ଅଫର୍‌ଟିକୁ ହାତଛଡା କରିଥିଲି।' ଯଦି ପରିଣିତି 'ଆନିମଲ୍'ରେ ଅଭିନୟ କରିଥାଆନ୍ତେ, ତେବେ ସେ ପ୍ରଥମ ଥର ପାଇଁ ରଣବୀର କପୁରଙ୍କ ସହ ବଡ ପରଦାରେ ଦେଖିବାକୁ ମିଳିଥାଆନ୍ତେ। ପରବର୍ତ୍ତୀ ସମୟରେ ପରିଣିତିଙ୍କ ସ୍ଥାନରେ ରଶ୍ମିକା ମନ୍ଦାନାଙ୍କୁ ସାଇନ୍ କରାଯାଇଥିଲା।


ପରିଣିତି

## ପ୍ରଥମ ରୋଜଗାର



ଚର୍ମ ଓ କେଶ ରୋଗ ବିଶେଷଜ୍ଞ ଡ. ଆଲୋକ ସାହୁ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ମା'ଙ୍କ ପାଇଁ ସମ୍ବଲପୁରୀ ଶାଢ଼ି କିଣିଥିଲି

ଜନ୍ମ ମୋର ଯାଜପୁରରେ ହୋଇଥିଲେ ହେଁ ବାପା ଯେହେତୁ କେନ୍ଦୁଝରରେ ଚାକିରି କରୁଥିଲେ ତେଣୁ ମୋ ସ୍କୁଲ ପାଠପଢ଼ା ସେଇଠି ହିଁ ହୋଇଥିଲା। ସ୍ଥାନୀୟ ଆନନ୍ଦପୁରସ୍ଥିତ ବି.ଏନ୍ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ବି.ଜେ.ବି କଲେଜରେ ଯୁକ୍ତ ଦୁଇ ବିଜ୍ଞାନ ପଢ଼ିଥିଲି। ତା'ପରେ ସମ୍ବଲପୁରସ୍ଥିତ ଭି.ଏସ୍.ଏସ୍ ମେଡିକାଲ କଲେଜରେ ଏମ୍.ବି.ବି.ଏସ୍ କଲି। ପଢ଼ା ସରିବା ପରେ ବର୍ଷେ ଇଣ୍ଟର୍ନସିପ୍‌ରେ ରହିଲି; ଆଉ ସେତେବେଳେ ମୋତେ ମାସକୁ ପ୍ରାୟ ତେର ହଜାର ପାଞ୍ଚ ଶହ ଟଙ୍କା ଲେଖାଏଁ ଷ୍ଟାଇପେଣ୍ଡ ମିଳିଲା। ଏହା ଥିଲା ୨୦୧୨ ମସିହାର କଥା। ପ୍ରଥମ ଷ୍ଟାଇପେଣ୍ଡ ଟଙ୍କା ଇଣ୍ଟର୍ନସିପ୍ ଆରମ୍ଭ ହେବାର ୨ମାସ ପରେ ଏକକାଳୀନ ମୋତେ ମିଳିଥିଲା। ସେତେବେଳେ ୧୫ ଦିନିଆ ଟ୍ରେନିଂ ପାଇଁ ମୁଁ ବରଗଡ଼ ହେଡ୍‌କ୍ୱାଟର ହସ୍ପିଟାଲ୍‌କୁ ଯାଇଥାଏ। ଯେତେବେଳେ ୨ମାସର ଷ୍ଟାଇପେଣ୍ଡ ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟରେ ଜମା ହେବାର ମୋତେ ମେସେଜ୍ ଆସିଲା ଭାରୀ ଖୁସି ଲାଗିଲା। ଯେହେତୁ ବରଗଡ଼ର ବରପାଲିରେ ସମ୍ବଲପୁରୀ ଶାଢ଼ି ଭଲ ମିଳେ ବୋଲି ଜାଣିଥିଲି, ତେଣୁ ପ୍ରଥମ ଷ୍ଟାଇପେଣ୍ଡ ଟଙ୍କାରେ ମା'ଙ୍କ ପାଇଁ ସେଠାରୁ ଗୋଟିଏ ସୁନ୍ଦର ସମ୍ବଲପୁରୀ ଶାଢ଼ି କିଣି ଆଣି ତାଙ୍କୁ ଗିଫ୍ଟ କରିଥିଲି। ଅବଶ୍ୟ ପରେ ଘରର ଅନ୍ୟମାନଙ୍କୁ କିଛି ନା କିଛି ଗିଫ୍ଟ ଦେଇଥିଲି କିନ୍ତୁ ପ୍ରଥମ ପାରିଶ୍ରମିକରେ ମା'ଙ୍କ ଖୁସି ପାଇଁ କିଛି କରିପାରିଥିବାରୁ ମୋତେ ବହୁତ ଆତ୍ମସନ୍ତୋଷ ମିଳିଥିଲା। ଇଣ୍ଟର୍ନସିପ୍ ସରିବା ପରେ ପରେ ମୋତେ ଦିଲ୍ଲୀ ଏମ୍ସରେ ଡର୍ମାଟୋଲୋଜି (ତ୍ୱଚା, କେଶ, ନଖ) ବିଭାଗରେ ପିଜି କରିବାର ସୁଯୋଗ ମିଳିଲା। ପିଜି ପରେ ଦୁଇ ବର୍ଷ ସିନିୟର୍ ରେସିଡେନ୍ସି ଭାବେ ସେଠାରେ ପ୍ରାକ୍ଟିସ୍ ମଧ୍ୟ କଲି। ତା'ପରେ ସ୍ଥାନୀୟ ୟୁଜେନିକ୍ସ ହେୟାର୍ ସାଇନ୍ସ ନାମକ ଏକ ଇନଷ୍ଟିଚ୍ୟୁଟ୍‌ରେ ଦୁଇ ବର୍ଷ ହେୟାର୍ କନ୍ସଲଟାଣ୍ଟ ଭାବେ କାମ କରିବା ପରେ ସେଇ ଦିଲ୍ଲୀରେ ହିଁ ନିଜର ଏକ କ୍ଲିନିକ୍ ଖୋଲିଲି ୨୦୨୧ରେ; ଆଉ ଯା'ର ନାଁ ଦେଲି ଆଲୋ ରୁଟ୍ସ ହେୟାର୍ ଆଣ୍ଡ ସ୍କିନ କ୍ଲିନିକ। ପ୍ରାୟ ଦୁଇ ବର୍ଷ ପରେ ଦିଲ୍ଲୀ କ୍ଲିନିକ କଥା ବୁଝିବା ସହିତ ଭୁବନେଶ୍ୱର ଆସି ଏକ ଘରୋଇ ହସ୍ପିଟାଲରେ ଭିଜିଟିଂ କନ୍ସଲଟାଣ୍ଟ ଭାବେ କିଛି ଦିନ କାମ କଲି। ପରେ ପରେ ଭୁବନେଶ୍ୱରରେ ବି ଦିଲ୍ଲୀ କ୍ଲିନିକ୍‌ର ଆଉ ଏକ ବ୍ରାଞ୍ଚ ଖୋଲି ଲୋକମାନଙ୍କର କେଶ ତଥା ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାଗୁଡ଼ିକୁ ସମାଧାନ କରିବାକୁ ଚେଷ୍ଟା କଲି। ଯା'ଭିତରେ ଅନେକ ସଫଳତା ମୋତେ ମିଳି ସାରିଛି। ତଥାପି ଆହୁରି ସକ୍‌ସେସ୍ ହେବାକୁ ଏବେ ବି ପ୍ରୟାସ ଜାରି ରହିଛି। ଏ ତ ଥିଲା ମୋ ବୃତ୍ତିଗତ କଥା। ଏହାଛଡ଼ା ଲେଖାଲେଖିରେ ରୁଚି ଥିବାରୁ ସ୍କୁଲ, କଲେଜ ସମୟରେ କିଛି କବିତା ଲେଖିଥିଲି। ତା'ସହିତ ବକ୍ତୃତା ପ୍ରତିଯୋଗିତା, ରଚନା ପ୍ରତିଯୋଗିତା ଆଦିରେ ଭାଗ ନେଇ ଅନେକ ପୁରସ୍କାର ବି ପାଇଥିଲି। ଏବେ ବ୍ୟସ୍ତତା ଭିତରେ ରହୁଥିବାରୁ ବେଶୀ ଆଉ ଲେଖାଲେଖି କରି ପାରୁନି ସତ କିନ୍ତୁ ବିଭିନ୍ନ ପ୍ରକାର ଶିକ୍ଷଣୀୟ ପୁସ୍ତକ ପଢ଼ିବାର ଅଭ୍ୟାସ ଆଜି ବି ମୋର ପୂର୍ବବତ୍ ରହିଛି।

*–ଅସ୍ମିତା*

# ଅଳପ ବର୍ଷାକୁ କଅଁଳ ଖରା, ଚତୁରୀ ରାଧିକା ନ ଦିଏ ଧରା

**ପ୍ରଶ୍ନ–**ଥରେ ବାଟରେ ଜଣେ ସୁନ୍ଦରୀ ସହ ଭେଟ ହେଲା। କିଛି ସମୟ କଥାବାର୍ତ୍ତାରେ ମୋତେ ଯେମିତି ଲାଗିଲା ମୁଁ ତା' ମନର ଗୋଟିଏ କୋଣରେ ଘରଟିଏ କରିସାରିଲିଣି। ହେଲେ ଏବେ ଆଉ ସେହି ସୁନ୍ଦରୀ ସହ ଭେଟ ହେଉନି। ମୁଁ କ'ଣ କରିବି ?

*–ସୁଜିତ ସାହୁ, ବରଗଡ*

**ଉତ୍ତର :** ଯେତେବେଳେ ସେହି ସୁନ୍ଦରୀ ସହ ଭେଟ ହେଲା, ଆପଣ ତା' ସହ କଥା ହେଲେ ଠିକ୍ ଅଛି, ହେଲେ ତାହାର ଠିକଣା ପଚାରି ବୁଝିବାକୁ ବୋଧହୁଏ ଭୁଲି ଯାଇଛନ୍ତି। ତେଣୁ ସେହି ଅଜଣା ପ୍ରେମିକାକୁ ଠାବ କରିବା ତ ସହଜ ନୁହେଁ। ତେଣୁ ଅପେକ୍ଷା କରନ୍ତୁ। ହୁଏତ ସେହି ଲୁଚକାଳି ଖେଳର ହଠାତ୍ ପରିସମାପ୍ତି ଘଟିପାରେ। ଅଳପ ବର୍ଷାକୁ କଅଁଳ ଖରା, ଚତୁରୀ ରାଧିକା ନ ଦିଏ ଧରା। ନିଜ ପ୍ରେମିକା ଉପରେ ବିଶ୍ୱାସ ରଖନ୍ତୁ। ହୁଏତ ସେ ଆପଣଙ୍କୁ ଖୋଜି ଖୋଜି ଆପଣଙ୍କ ନିକଟରେ ପହଞ୍ଚି ଯାଇପାରେ !

**ପ୍ରଶ୍ନ–**ଜଣେ ଝିଅ ସବୁବେଳେ ଲାଜେଇ ଲାଜେଇ ହସୁଛି। ସେ ମୋତେ ପ୍ରେମ କରୁଛି ବୋଲି କେମିତି ଜାଣିବି ?

*–ତନ୍ମୟ କୁମାର, ପାରାଦୀପ, ଜଗତସିଂହପୁର*

**ଉତ୍ତର :** ଲାଜୁଆ ହସରେ ଅନେକ କଥା ଲୁଚି ରହିଥାଏ। ଏହି ହସ କେତେବେଳେ ମିଠା ଲାଗେ ତ କେତେବେଳେ ମନରେ ବିଷ ଭରିଦିଏ। ତେବେ ତାହାର ଭିତିରି କଥାକୁ ମଗଜ ଖଟାଇ ପଢ଼ିପାରିଲେ ହେଲା। 'ଲାଜୁଆ ହସର ଭିତିରି କଥା, ଭାବିଲେ ଘୁରାଇ ଦେଉଛି ମଥା।' ସେହି ହସକୁ ଯଦି ଠିକ୍ ଭାବରେ ତର୍ଜମା ନ କରି ତା' ସୁଅରେ ଭାସି ଯାଆନ୍ତି, ତେବେ ଅଧା ବାଟରେ ଦିଗହରା ନାବିକ ପରି ବାଟ ଖୋଜି ବୁଲୁଥିବେ। ତେଣୁ ସେହି ସୁନ୍ଦରୀ ହସରୁ ଯଦି ପ୍ରେମର ପ୍ରାକ୍ ସୂଚନା ପାଉଛନ୍ତି ତେବେ ବେଳକାଳ ଦେଖି ବହି ଫିଟ୍ କରିଦିଅନ୍ତୁ। ନ ହେଲେ ହୁଏତ ଚାନ୍ସଟା ଆଉ କିଏ ମାରିନେଇପାରେ !

**ପ୍ରଶ୍ନ–**ସେ ମୋ ମନର ମାନସୀ, ତାହାର ଲାଜୁଆ ହସରେ ପ୍ରେମ ଭରି ରହିଛି। ହେଲେ ସେ ମୋତେ ପ୍ରେମ କରୁଛି କି ନାହିଁ ଜାଣିପାରୁନାହିଁ। କ'ଣ କରିବି ?

*–ଅମନ ବିଶ୍ୱାଳ, ଢେଙ୍କାନାଳ*

**ଉତ୍ତର :**ଆପଣ ବୋଧହୁଏ ସେହି ସୁନ୍ଦରୀକୁ ଏକତରଫା ପ୍ରେମ କରୁଛନ୍ତି। ହେଲେ ଏଭଳି ପ୍ରେମ ସିନା କ୍ଷଣିକ ଆନନ୍ଦ ଦିଏ, ତାକୁ ନେଇ ଆଶାର ମୀନାର ତୋଳିବା ବୋକାମି ବ୍ୟତୀତ ଆଉ କିଛି ନୁହେଁ। ସେହି ଝିଅଟି ଆପଣଙ୍କୁ ଲଭ୍ କରୁଛି କି ନାହିଁ ସେ ନେଇ ଆପଣ ସନ୍ଦେହ ଘେରରେ ଅଛନ୍ତି। ହେଲେ ତାକୁ ଭାବି ଭାବି ଆପଣଙ୍କୁ ଦିନ ରାତି ଜଣାପଡୁ ନାହିଁ। ତେଣୁ ସେଭଳି ମାନସିକତାକୁ ପ୍ରଥମେ ପରିବର୍ତ୍ତନ କରନ୍ତୁ। ଯଦି ସେପଟରୁ କିଛି ପ୍ରେମର ଝଲକ୍ ଦେଖୁଛନ୍ତି ତେବେ ବିଳମ୍ବ ନ କରି ତା' ସାମନାରେ ନିଜ ମନର କଥା କହି ଦିଅନ୍ତୁ। ଯଦି ପାଣିପାଗ ଠିକ୍ ରହିଲା ତ ଭଲ, ନ ହେଲେ ସେପରି ପ୍ରେମ ଆଉ ପ୍ରେମିକାକୁ ଯେତେ ଶୀଘ୍ର ମନରୁ ପୋଛି ଦେବେ ତାହା ଭଲ ହେବ।

**ପ୍ରଶ୍ନ–**ପ୍ରେମ ନିଶା କ'ଣ ସତରେ ଗାଢ଼ ? ମୁଁ ଜଣେ ଝିଅକୁ ଭଲ ପାଉଛି। ହେଲେ ମୋତେ ତ ସେମିତି କିଛି ଲାଗୁନାହିଁ। କ'ଣ କରିବି ?

*–ବିନୟ ଦାସ, ବାରିପଦା*

**ଉତ୍ତର :** କଥାରେ ଅଛି–ପ୍ୟାର୍ କା ଲଡ୍ଡୁ, ଜୋ ଖାୟା ପସ୍ତାୟା, ଜୋ ନେହିଁ ଖାୟା ୱୋ ଭି ପସ୍ତାୟା। ଏହି ନିଶା କେତେ ଗାଢ଼ ଯିଏ ଅନୁଭବ କରିଛି ସିଏ ଜାଣିଛି। ହେଲେ କେବଳ ଭଲ ପାଇଲେ ହେବନାହିଁ, ସେଥିରେ ସେପରି ଆତ୍ମୀୟତା ରହିବା ଦରକାର। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ୍ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ। ନ ହେଲେ ସେହି ପ୍ରେମର କେତେବେଳେ ଦି ଏଣ୍ଡ ହୋଇଯିବ ନିଜେ ବି ଚିନ୍ତା କରିପାରିବେ ନାହିଁ।





# ଛଦ୍ମବେଶୀ ପ୍ରାଣୀ

**ଜୀବଜଗତରେ ଅହରହ ଖାଦ୍ୟ ଖାଦକ ମଧ୍ୟରେ ଚାଲିଥାଏ ଛକାପଞ୍ଝା। କେବେ ନିଜକୁ ବଞ୍ଚାଇବା ଲାଗି ତ କେବେ ଶିକାରକୁ ଆକର୍ଷିତ କରିବା ଲାଗି ପ୍ରାଣୀମାନେ ଆପଣେଇଥାନ୍ତି ନାନା ଉପାୟ। ଯେଉଁଥିରେ ପ୍ରାଣୀଙ୍କର ଛଦ୍ମବେଶ ଧାରଣ କରିବା ଅନ୍ୟତମ। ପ୍ରକୃତି ପ୍ରଦତ୍ତ ଏହି ବିଶେଷତ୍ୱ ସେମାନଙ୍କୁ ସ୍ୱତନ୍ତ୍ର କରିବା ସହ କେବେ ଖାଦ୍ୟ ଯୋଗାଏ ତ କେବେ କାହାର ଖାଦ୍ୟ ହେବାଠାରୁ ବଞ୍ଚାଏ। ସେମିତି କିଛି ଛଦ୍ମବେଶୀ ପ୍ରାଣୀଙ୍କ ସମ୍ପର୍କରେ..**



**ଶୁଖିଲା ପତ୍ର ପରି ଏଣ୍ଡୁଅ:** ଏହି ଏଣ୍ଡୁଅ 'ଦ ବ୍ରାଉନ ଲିଫ ଚାମେଲିଅନ୍' ଭାବେ ମଧ୍ୟ ପରିଚିତ। ଆକାରରେ ବେଶ୍ ଛୋଟ ଏହି ଏଣ୍ଡୁଅ ମାଡାଗାସ୍କାରର ପୂର୍ବ ତଟ ଓ ନୋଜୀ ବୋରାହା ଦ୍ୱୀପରେ ଦେଖିବାକୁ ମିଳନ୍ତି। ଏହି ଏଣ୍ଡୁଅର ବିଶେଷତ୍ୱ ହେଉଛି ଯେ, ଏହା ଶୁଖିଲା ପତ୍ର ପରି ନିଜ ଶରୀରକୁ ପରବର୍ତ୍ତିତ କରିପାରେ। ଏହାଦ୍ୱାରା ସେ ନିଜକୁ ପରଭକ୍ଷୀଙ୍କଠାରୁ ରକ୍ଷା କରିବା ସହ ଶୁଖିଲା ପତ୍ର ଭିତରେ ରହି ଶିକାର କରେ।


**ଫୁଲ ପରି ଝିଣ୍ଟିକା:** ଦକ୍ଷିଣ ପୂର୍ବ ଏସିଆର ବର୍ଷାବଣରେ ଦେଖିବାକୁ ମିଳୁଥିବା ଏହି ଝିଣ୍ଟିକା ନିଜକୁ ଫୁଲର ଛଦ୍ମବେଶରେ ପରିବର୍ତ୍ତିତ କରିପାରେ। ସୁନ୍ଦର ଫୁଲ ପରି ଦେଖା ଯାଉଥିଲେ ହେଁ ଏମାନେ ଭଲ ଶିକାରୀ ହୋଇଥାନ୍ତି। ଫୁଲ ପାଖୁଡ଼ାର ଛଦ୍ମବେଶ ଧାରଣ କରି ଝିଣ୍ଟିକାଟି ନିଜ ଶିକାରକୁ ଆକର୍ଷିତ କରେ। ଯେତେବେଳେ ମହୁମାଛି, ପ୍ରଜାପତି, ଭଅଁର ପରି କୀଟ ଏହାକୁ ଫୁଲ ଭାବି ମହୁ ଲାଳସାରେ ପାଖକୁ ଆସନ୍ତି ଏହି ଝିଣ୍ଟିକା ସେମାନଙ୍କୁ ଆକ୍ରମଣ କରିଥାଏ।



**ଶୁଖିଲା ପତ୍ର ପରି ଝିଣ୍ଟିକା:** ମାଲେସିଆରେ ଦେଖିବାକୁ ମିଳୁଥିବା ଏହି ଝିଣ୍ଟିକାକୁ ଦେଖିଲେ ଲାଗେ ସତେ ଯେମିତି ଏହା ଶୁଖିଲା ପତ୍ର। ଏଭଳି ଶରୀର ତାକୁ ପରଭକ୍ଷୀଙ୍କଠୁ ସୁରକ୍ଷା ପ୍ରଦାନ କରେ। ତା'ସହ ଶୁଖିଲା ପତ୍ର ଭିତରେ ରହି ଝିଣ୍ଟିକାଟି ସହଜରେ ଶିକାର କରିପାରେ।



**ଚଳନ୍ତା କାଠି:** ଆଣ୍ଟାର୍କଟିକା ମହାଦେଶକୁ ଛାଡି ଅନ୍ୟସବୁ ମହାଦେଶରେ ଏହି ଅଜବ କୀଟ ଦେଖିବାକୁ ମିଳନ୍ତି। ଏହାର ଶରୀର ଦେଖିବାକୁ ଗଛର ଛୋଟ ଶାଖା ତଥା ସରୁ କାଠି ପରି। ଯେତେବେଳେ ଏହା ଗଛର ଶାଖାରେ ବସିଥାଏ ହଠାତ୍ କେହି ଜାଣିପାରବେନି ଯେ ଏହା ଏକ କୀଟ ବୋଲି।



**ଶୁଖିଲା ପତ୍ର ପରି ପ୍ରଜାପତି:** ଏହି ପ୍ରଜାପତିଟି ବେଶ୍ ଅଜବ। ଏହାର ଡେଣାର ଉପର ପାର୍ଶ୍ୱ ଖୁବ୍ ରଙ୍ଗିନ ଓ ସୁନ୍ଦର। ହେଲେ ଡେଣାର ପଛପଟ ପୁରାପୁରି ଶୁଖିଲା ପତ୍ର ଭଳି। ଯେତେବେଳେ ଏହି ପ୍ରଜାପତିଟି ସାଥୀକୁ ଆକର୍ଷିତ କରିବାକୁ ଚାହେଁ ସେ ନିଜର ସୁନ୍ଦର ରଙ୍ଗୀନ ଡେଣାକୁ ପ୍ରଦର୍ଶିତ କରେ। ଆଉ ଯେବେ ପରଭକ୍ଷୀଙ୍କଠାରୁ ନିଜକୁ ରକ୍ଷା କରିବା କଥା ଉଠେ ସେ ନିଜର ଶୁଖିଲା ପତ୍ର ଭଳି ଡେଣାକୁ ଦେଖାଇବା ଲାଗି ଡେଣା ଦୁଇଟିକୁ ଉପରକୁ ଟେକି ଯୋଡିଦିଏ। ଯଦ୍ୱାରା କି ସେ ଶୁଖିଲା ପତ୍ର ପରି ଦେଖାଯାଏ ଓ ଶିକାରୀ ଜାଣିପାରେନା।



**ବାଲି ପରି ଝିଣ୍ଟିକା:** ବିଶେଷକରି ଉତ୍ତର ଆମେରିକାରେ ଦେଖିବାକୁ ମିଳୁଥିବା ଏହି ଝିଣ୍ଟିକା ବାଲିଆ ସ୍ଥାନରେ ରହିବାକୁ ପସନ୍ଦ କରେ। ଆଉ ନିଜ ଶରୀରକୁ ସେଇ ବାଲି ପରି ରୂପାନ୍ତରିତ କରିପାରେ। ବାଲିଆ ଜାଗାରେ ଥିବା ବାଦାମୀ ରଙ୍ଗର ଘାସରେ ଡେଇଁବା ପାଇଁ ସେ ଏହି ଘାସ ଭଳି ମଧ୍ୟ ନିଜ ଶରୀରକୁ ବଦଳାଇପାରେ।



**ଚାଲୁଥିବା ପତ୍ର:** ଏହାକୁ ଦେଖିଲେ ଲାଗିବ ସତେ ଯେମିତି ଏକ ସବୁଜ ପତ୍ର। ଆଉ ଯେବେ କୀଟଟି ଚାଲେ ଆଶ୍ଚର୍ଯ୍ୟ ଲାଗେ ପତ୍ର ପୁଣି କେମିତି ଚାଲୁଛି। ଏହି କୀଟଟି ସବୁଜ ପତ୍ରର ଖୁବ୍ ବାସ୍ତବ ନକଲ କରିପାରେ। ପତ୍ରଗହଳ ଭିତରେ ସେ ବେଶ୍ ଆରାମରେ ନିଜକୁ ସୁରକ୍ଷିତ ରଖିପାରେ ଓ ଶିକାର ବି କରିପାରେ।

**କଣ୍ଟା ପରି କୀଟ:** ବିଶେଷଭାବେ ଦକ୍ଷିଣ ଫ୍ଲୋରିଡ଼ାରେ ଦେଖାଯାଉଥିବା ଏହି କୀଟଗୁଡିକ ଗଛର ଶାଖାଗୁଡିକରେ ଲାଖି ରହିଥାଆନ୍ତି। ଦେଖିଲେ ଲାଗେ ଏହା ଗଛର କଣ୍ଟା ଭଳି ଓ ପୁରାପୁରି ଗଛର ଏକ ଅଂଶ ପରି ଲାଗନ୍ତି। ପରଭକ୍ଷୀମାନେ ଏହି କୀଟର କଣ୍ଟା ପରି ଶରୀର ଦ୍ୱାରା ଆଘାତ ଲାଗିବା ଭୟରେ ଏହାଠୁ ଦୂରେଇ ରୁହନ୍ତି। ମଧ୍ୟ ଓ ଦକ୍ଷିଣ ଆମେରିକାରେ ଏହା ଅଧିକ ଦେଖିବାକୁ ମିଳନ୍ତି।




## ହାଃ ହାଃ

### ତଫାତ୍

ବଣ୍ଟି ଗୋପୀକୁ– ସାଙ୍ଗ କହିଲୁ ଦେଖି, ବିବାହିତ ପୁରୁଷ ଓ ଅବିବାହିତ ପୁରୁଷ ଭିତରେ କ’ଣ ଫରକ ଓ ସେମାନେ କ’ଣ କରିପାରନ୍ତି।

ଗୋପୀ– ଅବିବାହିତ ପୁରୁଷ ପରିବର୍ତ୍ତନ ଆଣନ୍ତି। ଆଉ ବିବାହିତ ପୁରୁଷ ପରିବା... ।

### ଚନ୍ଦ୍ରପୃଷ୍ଠ

ଶିକ୍ଷକ– ଚନ୍ଦ୍ରପୃଷ୍ଠରେ ପ୍ରଥମେ କିଏ ପାଦ ପକାଇଥିଲେ ?

ପପୁ– ବାହୁବଲୀ।

ଶିକ୍ଷକ– ଗଧ କୋଉଠି କାର। ବାହୁବଲୀ କେବେ ପାଦ ପକାଇଲା ?

ପପୁ– ସାର୍ ବୁଝିପାରିଲେନି ବୋଧେ। ବାହୁ –ଆର୍ମ, ବଲୀ –ଷ୍ଟ୍ରଙ୍ଗ୍। ଅର୍ଥାତ୍ ଆର୍ମଷ୍ଟ୍ରଙ୍ଗ।

### ସୁପର ହିରୋ

ଫେସ୍‌ବୁକ୍‌ରେ ଜଣେ ଯୁବକ ଅଜଣା ଯୁବତୀଙ୍କ ସହ ଫ୍ରେଣ୍ଡଶିପ୍ କରି ଚାଟ୍ କରୁଥାଆନ୍ତି।

ଯୁବତୀ– ଆପଣ କ’ଣ କାମ କରନ୍ତି।

ଯୁବକ– ମୁଁ ତ ସୁପର ହିରୋ।

ଯୁବତୀ– ସୁପର୍‌ମ୍ୟାନ୍ ନା ସ୍ପାଇଡର୍ ମ୍ୟାନ ?

ଯୁବକ– ନା। ମୁଁ ଏକ ନୂଆ ସୁପରହିରୋ।

ଯୁବତୀ– କୁହ ନା କ’ଣ ?

ଯୁବକ–ୱାଚ୍‌ମ୍ୟାନ୍।

ମଡେଲ ମିରର୍ ପାଇଁ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ ଫୋନ ନଂ: (୦୬୭୪) ୨୫୮୦୧୦୧

**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ଲୋକପ୍ରିୟ ବିଚ୍









ଖରାଦିନେ, ଯାହା ସବୁଠାରୁ ଆନନ୍ଦ ଓ ଶାନ୍ତି ଦେଇଥାଏ ତାହା ହେଉଛି ପାଣି । ତେଣୁ ଖରାଛୁଟିରେ ଅଧିକାଂଶ ଲୋକ ଏମିତି କୌଣସି ସ୍ଥାନକୁ ବୁଲିଯିବାକୁ ପସନ୍ଦ କରିଥାନ୍ତି, ଯେଉଁଠାରେ ସ୍ୱଚ୍ଛ ପରିବେଶ ସାଙ୍ଗକୁ ସି–ବିଚ୍ ବା ସମୁଦ୍ରତଟରେ ବୁଲିବାର ସୁଯୋଗ ରହିଥିବ । କାରଣ ସି–ବିଚ୍‌ର ନିଆରା ଆକର୍ଷଣ କ୍ଷଣିକରେ ମନକୁ ପ୍ରଫୁଲ୍ଲିତ କରିବା ସହିତ ଶାନ୍ତି ପ୍ରଦାନ କରିଥାଏ ...

**ସି**–ବିଚ୍ ବା ସମୁଦ୍ରତଟରେ କିଛି ସମୟ ବୁଲିଆସିଲେ କାହିଁକି କେଜାଣି ମନ ପ୍ରଫୁଲ୍ଲିତ ହୋଇଯାଏ ଆଉ ଶରୀରକୁ ବେଶ୍ ତାଜା ଅନୁଭବ ହୁଏ । ସ୍ୱଳ୍ପ ସମୟ ପାଇଁ ହେଉନା କାହିଁକି ଲାଗେ ସତେ ଯେମିତି ମନରେ କିଛି ବି ଚିନ୍ତା କି ଅବସୋସ ନାହିଁ । ଖାସ୍ କରି ଏହାର ସୁନେଲି ବାଲିର ତଟରେ ବସି ସମୁଦ୍ରର ଲହଡ଼ି ସାଙ୍ଗକୁ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ବେଶ୍ ଆକର୍ଷକ ଲାଗିଥାଏ ।। ତା'ସାଙ୍ଗକୁ ଆହୁରି ଆନନ୍ଦ ଦିଏ ସମୁଦ୍ରର ନୀଳ ଜଳରାଶିରେ ଟିକେ ଗାଧୋଇ ପଡ଼ିଲେ । ଖାସ୍ ସେଥିପାଇଁ ଖରାଦିନେ ବିଭିନ୍ନ ସି–ବିଚ୍‌ରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୁଏ । ତେଣୁ ଏଥରର ଏହି ଆଲେଖ୍ୟରେ କେତୋଟି ଲୋକପ୍ରିୟ ସି–ବିଚ୍ ସମ୍ପର୍କରେ ଉଲ୍ଲେଖ କରାଗଲା ...

**✻ ଅଗୋଣ୍ଡା ବିଚ୍:** ଦକ୍ଷିଣ ଗୋଆରେ ଅବସ୍ଥିତ ଏକ ଗାଁ ହେଉଛି ଅଗୋଣ୍ଡା । ଏହି ଗାଁ ନିକଟରେ ରହିଛି ପ୍ରାୟ ୩ କି.ମି ବ୍ୟାପ୍ତ ଏକ ବିଚ୍ ; ଯାହା ଅଗୋଣ୍ଡା ବିଚ୍ ଭାବେ ପରିଚିତ । ଏହି ବିଚ୍‌ର ସଫାସୁତୁରା ତଥା ଶାନ୍ତ ଓ ସୁରକ୍ଷିତ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରେ । ଏଠାକାର ସମୁଦ୍ର ଜଳ ମଧ୍ୟ ବହୁତ ପରିଷ୍କାର । ଜନଗହଳିଠାରୁ ଦୂରରେ ଥିବା ଏହି ବେଳାଭୂମିରେ ପର୍ଯ୍ୟଟକ ନିରୋଳାରେ କିଛି ସମୟ ବିତାଇବା ସହ ସୁଇମିଂର ମଧ୍ୟ ମଜା ନେଇପାରିବେ । ତା'ସହିତ ଏଠାରେ ସି–ଫୁଡ୍ ବି ଖାଇପାରିବେ ।

**✻ କାଣ୍ଡୋଲିମ୍ ବିଚ୍:** ଗୋଆର ଅନ୍ୟତମ ଆକର୍ଷଣୀୟ ବିଚ୍ ଭାବେ ଏହା ପରିଚିତ । ଏଠାକାର ପ୍ରଶସ୍ତ ବେଳାଭୂମି ତଥା ଶାନ୍ତ ଜଳରାଶି ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ । ଖାସ୍‌କରି ଏହି ବେଳାଭୂମିରେ ସୂର୍ଯ୍ୟାସ୍ତର ଦୃଶ୍ୟ ବେଶ୍ ଆକର୍ଷକ ଲାଗେ । ତା'ଛଡ଼ା ବିଭିନ୍ନ ପ୍ରକାରର ୱାଟର୍ ସ୍ପୋର୍ଟ୍ସ ପାଇଁ ବି ଏଠାରେ ଥାଏ ସୁବିଧା ସୁଯୋଗ । ଏପରିକି ରାତ୍ରି ସମୟରେ ଏଠି ଅନେକ ପାର୍ଟି ଫଙ୍କ୍‌ସନ୍‌ର ଆୟୋଜନ କରାଯାଇଥାଏ ; ଯାହା ଖୁବ୍ ମନଛୁଆଁ ହୋଇଥାଏ । ସେହିପରି ପର୍ଯ୍ୟଟକଙ୍କ ରହିବା ଖାଇବା ନିମନ୍ତେ ଏହି ବେଳାଭୂମି ନିକଟରେ ଛୋଟବଡ଼ ଅନେକ ରିସୋର୍ଟ ତଥା ରେଷ୍ଟୁରାଣ୍ଟର ସୁବିଧା ଥିବାରୁ ସବୁ ବର୍ଗର ପର୍ଯ୍ୟଟକ ଏଠାକୁ ବୁଲି ଆସିବାକୁ ପସନ୍ଦ କରିଥାନ୍ତି ।

**✻ ଅଲ୍ଲାପ୍ପୁଝା ବିଚ୍:** ଅଲାପ୍ପୁଝା ହେଉଛି କେରଳର ଏକ ସୁନ୍ଦର ସହର । ଏହା ଅଲ୍ଲେପ୍ପୀ ନାମରେ ବି ପରିଚିତ । ଏଠାରେ ରହିଛି ଅଲାପ୍ପୁଝା ନାମକ ଏକ ଲୋକପ୍ରିୟ ସମୁଦ୍ରତଟ । ଶାନ୍ତ, ସ୍ୱଚ୍ଛ ତଥା ଅପୂର୍ବ ଆକର୍ଷଣରେ ଭରା ଏହି ସମୁଦ୍ରତଟରେ ବସି ସୂର୍ଯ୍ୟାସ୍ତର ଦୃଶ୍ୟ ଦେଖିବା ବେଶ୍ ମନୋମୁଗ୍ଧକର ହୋଇଥାଏ । ତା'ଛଡ଼ା ଏହି ସମୁଦ୍ରକୂଳର ଧାରେ ଧାରେ ଲଗାଯାଇଥିବା ଗଛଗୁଡ଼ିକର ଆକର୍ଷଣ ଏଠାକାର ପରିବେଶକୁ ଆହୁରି ମନୋରମ କରି ଦେଇଥାଏ । ତେବେ ଏହି ବିଚ୍ ବ୍ୟତିତ ଅଲାପ୍ପୁଝା ସହରର ଅନ୍ୟ ଏକ ଆକର୍ଷଣ ହେଉଛି ଏଠାକାର ବ୍ୟାକ୍‌ୱାଟର୍‌ରେ ହାଉସ୍‌ବୋଟ୍ ଚଳାଇ ଅପୂର୍ବ ଆନନ୍ଦ ଉପଭୋଗ କରିବା ।


**✻ରାଧାନଗର ବିଚ୍:** ଆଣ୍ଡାମାନ ଓ ନିକୋବର ଦ୍ୱୀପସମୂହର ହାଭ୍‌ଲକ୍ ଦ୍ୱୀପ ନିକଟରେ ଥିବା ରାଧାନଗର ବିଚ୍‌କୁ ଦୁନିଆର ଅନ୍ୟତମ ଆକର୍ଷଣୀୟ ବିଚ୍ ଭାବେ ବିବେଚନା କରାଯାଇଥାଏ । ଏହି ସମୁଦ୍ରତଟ ନିଜର ଶାନ୍ତ ବାତାବରଣ ତଥା ରୋମାଞ୍ଚକର ଗତିବିଧି ପାଇଁ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି । ଏଠାକାର ଧଳାରଙ୍ଗର ବେଳାଭୂମିର ଗୋଟିଏ ପାର୍ଶ୍ୱରେ ନୀଳ ଜଳରାଶି ଓ ଅନ୍ୟପାର୍ଶ୍ୱରେ ଜଙ୍ଗଲର ଅପୂର୍ବ ଦୃଶ୍ୟ କାହାକୁ ବି ଆକର୍ଷିତ କରିବା ପାଇଁ ଯଥେଷ୍ଟ । ତା'ଛଡ଼ା ଏହି ବିଚ୍‌ର ଲହଡ଼ି ବହୁତ ଉଚ୍ଚକୁ ଉଠେନାହିଁ ; ଫଳରେ ଆଗନ୍ତୁକ ଏଠାରେ ବେଶ୍ ମଉଜରେ ଗାଧୋଇବାର ମଜା ନେଇଥାନ୍ତି ।

କେବଳ ଏତିକି ନୁହେଁ, ଭାରତରେ ଆହୁରି ଅନେକ ଏମିତି ବିଚ୍ ରହିଛି, ଯାହାର ସ୍ୱଚ୍ଛ, ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ କିଛିଟା ନିଆରା ଅନୁଭୂତି ଦେଇଥାଏ ।









# କୃତ୍ରିମ ବର୍ଷା



ନିକଟରେ ଦୁବାଇରେ ପ୍ରବଳ ବର୍ଷା  ଯୋଗୁ ବନ୍ୟା ପରିସ୍ଥିତି ଉପୁଜିଥିଲା । ଦୁଇ ବର୍ଷରେ ଯେତିକି ବର୍ଷା ହେବା କଥା ଗୋଟିଏ ଦିନରେ ସେଠି ସେତିକି ବର୍ଷା ହେଲା । ବୈଜ୍ଞାନିକଙ୍କ ମତରେ କୃତ୍ରିମ ବର୍ଷା କରାଇବା ଲାଗି ସେଠାରେ କରାଯାଇଥିବା କ୍ଲାଉଡ ସିଡିଂରେ କିଛି ତ୍ରୁଟି ଯୋଗୁ ଏଭଳି ଘଟିଲା । ତେବେ ଅନେକଙ୍କ ମନରେ ପ୍ରଶ୍ନ ଉଠୁଥିବ ଯେ, ଏହି କ୍ଲାଉଡ ସିଡିଂ ପ୍ରକୃତରେ କ'ଣ ? ଯାହା କୃତ୍ରିମ ବର୍ଷା କରାଏ ।

କ୍ଲାଉଡ ସିଡିଂ, ଦୁଇଟି ଶବ୍ଦ କ୍ଲାଉଡ ଓ ସିଡିଂରେ ତିଆରି । କ୍ଲାଉଡର ଅର୍ଥ ମେଘ ଓ ସିଡିଂର ଅର୍ଥ ବୀଜ ଲଗାଇବା । ଅଜବ ଲାଗିଲେ ବି ମେଘ ବା ବାଦଲରେ ବର୍ଷାର ବୀଜ ବୁଣିବା ପ୍ରକ୍ରିୟା ହିଁ କ୍ଲାଉଡ ସିଡିଂ । ମେଘରୁ କୃତ୍ରିମ ଉପାୟରେ ବର୍ଷା କରିବା ପ୍ରକ୍ରିୟା ହେଉଛି କ୍ଲାଉଡ ସିଡିଂ । ଏଠାରେ ବୀଜ ରୂପରେ ସିଲ୍‌ଭର ଆୟୋଡାଇଡ, ପଟାସିୟମ କ୍ଲୋରାଇଡ ଓ ସୋଡିୟମ କ୍ଲୋରାଇଡ ଆଦି ବ୍ୟବହାର କରାଯାଏ । ଏହିସବୁ ପଦାର୍ଥକୁ ଏକ ଏୟାରକ୍ରାଫ୍ଟ ସାହାଯ୍ୟରେ ମେଘରେ ଛିଞ୍ଚା ଯାଇଥାଏ । ଏହି ପଦାର୍ଥଗୁଡିକ ବାଦଲରେ ଥିବା ଜଳୀୟ ଅଂଶକୁ ବରଫରେ ଜମେଇଦିଏ । ଏହାପରେ ଗୋଟେ ବରଫ ଖଣ୍ଡ ଅନ୍ୟ ବରଫ ଖଣ୍ଡ ସହ ଲାଖି ଯାଇ ବରଫର ଏକ ଗୁଚ୍ଛା ହେଇଯାଏ । ଯାହାକି ପରେ ବର୍ଷାର ରୂପ ନିଏ । ତେବେ ଯେଉଁ ଅଞ୍ଚଳରେ ମେଘ ନ ଥିବ ସେଠାରେ କ୍ଲାଉଡ ସିଡିଂ କରାଇବା ସମ୍ଭବ ନୁହେଁ । ଏଥିପାଇଁ ଆକାଶରେ ଅତିକମ୍‌ରେ ୪୦ ପ୍ରତିଶତ ବାଦଲ ଓ ସେଥିରେ କିଛିଟା ଜଳୀୟ ଅଂଶ ବି ଥିବା ଜରୁରୀ । ଯଦି ବାଦଲରେ ପାଣି କମ୍ ଥିବ ଆର୍ଦ୍ରତା ନ ଥିବ ତେବେ ବି ବର୍ଷା ହୋଇପାରିବ ନାହିଁ । ଏହାବାଦ ମେଘ କେତେ ଉଚ୍ଚତାରେ ଅଛି ମେଘ ଓ ପାଣିପାଗର ସ୍ଥିତି କେମିତି ଅଛି ବି ଦେଖିବାକୁ ହୁଏ । ସବୁକିଛି ଠିକ୍ ଥିଲେ ମେଘର ଉପଯୁକ୍ତ ସ୍ଥାନରେ ସିଲ୍‌ଭର୍ ଆୟୋଡାଇଡ୍ କିମ୍ବା ଅନ୍ୟ ରସାୟନକୁ ଏୟାରକ୍ରାଫ୍ଟ ସାହାଯ୍ୟରେ ସିଞ୍ଚନ କରାଯାଏ ।

ଏହାବାଦ ମେଘକୁ ଇଲେକ୍ଟ୍ରିକ୍ ସକ୍ ଦେବାର ବି ଏକ ପଦ୍ଧତି ଅଛି ଯାହାକୁ ବ୍ୟବହାର କରି ମଧ୍ୟ ବର୍ଷା କରାଯାଉଛି । ଇସ୍ରାଇଲ ସାଧାରଣତଃ କୃତ୍ରିମ ବର୍ଷା କରାଇଥାଏ । କାରଣ ଏଠାରେ ପ୍ରାକୃତିକ ବର୍ଷା ବହୁତ କମ୍ ହୁଏ । ଆଜିକାଲି ୟୁଏଇ ଏହା ମାଧ୍ୟମରେ ବର୍ଷା କରାଉଛି । ଚାଇନା ୨୦୦୮ ମସିହା ବେଜିଂ  ଅଲିମ୍ପିକ ସମୟରେ କ୍ଲାଉଡ ସିଡିଂ ମାଧ୍ୟମରେ ବର୍ଷା କରାଇ ପ୍ରଦୂଷଣକୁ ନିୟନ୍ତ୍ରିତ କରିବାରେ ସଫଳ ହୋଇଥିଲା । ୨୦୧୭ ମସିହାରେ ସଂଯୁକ୍ତ ରାଷ୍ଟ୍ର ଆମେରିକାର ପାଣିପାଗ ବିଭାଗ କରିଥିବା ଅଧ୍ୟୟନ କହେ– ୫୦ରୁ ଅଧିକ ଦେଶ କ୍ଲାଉଡ ସିଡିଂ ପଦ୍ଧତି ଆପଣେଇ ସାରିଲେଣି । ଯେଉଁଥିରେ ଅଷ୍ଟ୍ରେଲିଆ, ଜାପାନ, ଇଥିଓପିଆ, ଚିନ, ଆମେରିକା, ଜିମ୍ବାୱେ, ରୁଷ ସହ ଭାରତ ବି ସାମିଲ ଅଛି ।

**ନିକଟରେ ଦୁବାଇରେ ପ୍ରବଳ ବର୍ଷା  ଯୋଗୁ ବନ୍ୟା ପରିସ୍ଥିତି ଉପୁଜିଥିଲା । ବୈଜ୍ଞାନିକଙ୍କ ମତରେ କୃତ୍ରିମ ବର୍ଷା କରାଇବା ଲାଗି ସେଠାରେ କରାଯାଇଥିବା କ୍ଲାଉଡ ସିଡିଂରେ କିଛି ତ୍ରୁଟି ହେବା ଯୋଗୁ ଏଭଳି ଘଟିଲା । ତେବେ ଅନେକଙ୍କ ମନରେ ପ୍ରଶ୍ନ ଉଠୁଥିବ ଯେ, ଏହି କ୍ଲାଉଡ ସିଡିଂ ପ୍ରକୃତରେ କ'ଣ ? ଯାହା କୃତ୍ରିମ ବର୍ଷା କରାଏ...**








# ରାଜକୀୟ ପାଣି ବୋତଲ

ଆଜିକାଲି ବିଭିନ୍ନ କମ୍ପାନୀର ମିନେରାଲ ୱାଟର ବଜାରରେ ଉପଲବ୍ଧ ହେଉଛି । ଆଉ ଏହି ମିନେରାଲ ୱାଟରର ବୋତଲଗୁଡିକ ଭିନ୍ନ ଭିନ୍ନ ଡିଜାଇନ୍‌ର ବି ହୋଇଥାଏ । ତେବେ ଏମିତି ଏକ ମିନେରାଲ ୱାଟର କମ୍ପାନୀ ଅଛି ଯାହାର ବୋତଲଗୁଡିକ ଯେମିତି ଆକର୍ଷକ ଓ ରାଜକୀୟ ଲାଗେ ତା'ର ପାଣି ବି ସେମିତି ଖାସ୍ ଓ ସ୍ୱାସ୍ଥ୍ୟପ୍ରଦ । ୨୦୦୫ରେ ଆରମ୍ଭ ହୋଇଥିବା ଏହି ମିନେରାଲ ୱାଟର କମ୍ପାନୀର ନାମ ହେଉଛି ଫିଲିକୋ ଜୁଏଲାରୀ ୱାଟର । ଜାପାନର ପ୍ରସିଦ୍ଧ ଝରଣା ନୁନୋବିକିର ପାଣିକୁ ଏହି ମିନେରାଲ ୱାଟର ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଏ । ଫ୍ରୋଷ୍ଟେଡ ଗ୍ଲାସ ଓ ସ୍ୱରୋଭସ୍କି କ୍ରିଷ୍ଟାଲରେ ତିଆରି ଏହାର ବୋତଲ ଦେଖିବାକୁ ସମ୍ପୂର୍ଣ୍ଣ ରାଜକୀୟ ଲାଗେ । ବୋତଲର କ୍ୟାପ୍‌କୁ ତ ରାଜକୀୟ ମୁକୁଟ ସଦୃଶ କରାଯାଇଛି, ଯାହାକି ସୁନାରେ ତିଆରି ଓ ସେଥିରେ ହୀରା ଖଚିତ ହୋଇଛି । କହିବାକୁ ଗଲେ ଫିଲିକୋ ମିନେରାଲ ୱାଟର ବୋତଲଗୁଡିକ ସୁନ୍ଦର କାରିଗରୀର  ଗୋଟେ  ଗୋଟେ ମାଷ୍ଟରପିସ୍ । ଏହି ଲକଜ୍ୟୁରୀ ଜୁଏଲାରୀ ୱାଟରକୁ ସାରା ପୃଥିବୀର ଭିଆଇପି ଓ ରାଜ ପରିବାର ବହୁତ ପସନ୍ଦ କରନ୍ତି । ଜାପାନର ଓସାକାରେ ତିଆରି ହେଉଥିବା ଏହି ପାଣି ବୋତଲର ଦାମ୍ ହେଉଛି ୭୫୦ ମି.ଲି.କୁ ୨୧୯ ଡଲାର ।





## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ଈଶ୍ୱରଙ୍କ ଉପରେ ବିଶ୍ୱାସ ଅଛି କିନ୍ତୁ ଭରସା ନାହିଁ !

**ଆ**ଚ୍ଛା, ଇୟେ କେମିତିକା କଥା ! ଈଶ୍ୱରଙ୍କ ଉପରେ ଜଣକର ବିଶ୍ୱାସ ଥିବ ଅଥଚ ଭରସା ନ ଥିବ, ଏ କଥା ଆଦୌ ହୋଇ ନ ପାରେ । ହଁ, ପାଠକେ ! ଏହା ସମ୍ଭବ ହୋଇପାରେ । ଆମ ଆସ୍ତିକମାନଙ୍କ ଭିତରେ ଏମିତି ବହୁତ ମାନେ ଶହେରୁ ଅଶୀ ପ୍ରତିଶତ ବ୍ୟକ୍ତି ବାହାରିବେ, ଯେଉଁମାନେ ଏଇ ଅବସ୍ଥାରେ ଥାଆନ୍ତି । ଦିନ ରାତି ଲାଗିପାଗି ଠାକୁରଙ୍କୁ ଡାକୁଥିବେ । ପୂଜାର୍ଚ୍ଚନାରେ ଘଣ୍ଟା ଘଣ୍ଟା ସମୟ ବିତୁଥିବ । ପ୍ରତ୍ୟହ ଗୀତା ଭାଗବତ ପଢୁଥିବେ, ପ୍ରତି ମଙ୍ଗଳବାର ଶନିବାର ଦିନ ସୁନ୍ଦରାକାଣ୍ଡ ବା ହନୁମାନ ଚାଳିଶା ପାରାୟଣ କରୁଥିବେ । ସବୁଦିନେ ମନ୍ଦିର ଯାଉଥିବେ । ଏ କଥା ସବୁ ସତ କିନ୍ତୁ ମିଛ କଥାଟି ହେଉଛି ଈଶ୍ୱରଙ୍କ ଉପରେ ସେମାନଙ୍କର ଭରସା ଥାଏ । ଆଦୌ ନ ଥାଏ । ବିଶ୍ୱାସ ଥିବାରୁ ତ ଜଣେ ମନ୍ଦିର ଯାଏ କିମ୍ବା ପୂଜାପାଠ କରେ । କିନ୍ତୁ ଈଶ୍ୱରଙ୍କ ଉପରେ ଭରସା ନ ଥିବାରୁ ଈଶ୍ୱରଙ୍କଠାରୁ ସେମାନେ ଇପ୍ସିତ ଫଳ ପାଇ ପାରନ୍ତି ନାହିଁ । ଯଦି କେହି ଜଣେ ପଚାରେ – ଆଜ୍ଞା, ମୁଁ ଏତେ ପୂଜା ପାଠ କରୁଛି କିନ୍ତୁ ଯେଉଁ ଦୁଃଖୀ କି ସେଇ ଦୁଃଖୀ । ଫଳ କିଛି ମିଳୁନି । କ'ଣ ଏହାର କାରଣ ? ଏହାର ଯେତେ କାରଣ ଥାଉ ନା କାହିଁକି ସବୁଠାରୁ ମୁଖ୍ୟ କାରଣ ହେଉଛି ଯେ ସେ ଯେଉଁ ଠାକୁରଙ୍କୁ ପୂଜା କରୁଛି ତାଙ୍କ ଠେଇଁ ବ୍ୟକ୍ତିଟିର ଭରସା ନାହିଁ । ସେଥିପାଇଁ ସେ ଦୁଃଖ ପାଉଛି ।

ଆମେ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ କରିପାରୁ କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ତାଙ୍କ ଉପରେ ଭରସା ନ ରଖିଛୁ ସେତେବେଳ ପର୍ଯ୍ୟନ୍ତ ବିଶ୍ୱାସର କିଛି ଅର୍ଥ ନାହିଁ । ଭରସା ବ୍ୟତିରେକ ବିଶ୍ୱାସ ପଙ୍ଗୁ ଆଉ ଅର୍ଥହୀନ । ଭରସାଟି ବିଶ୍ୱାସ ହୋଇପାରେ କିନ୍ତୁ ବିଶ୍ୱାସ କେବେ ଭରସାର ସ୍ଥାନ ନେଇପାରିବ ନାହିଁ । ତେବେ କଥା ଉଠିବ – ବିଶ୍ୱାସ କ'ଣ ଏବଂ ଭରସା କ'ଣ ? ବିଶ୍ୱାସ ଓ ଭରସା ଭିତରେ କି ପାର୍ଥକ୍ୟ ଅଛି ? ଏ ଦୁଇଟି ଶବ୍ଦ, ଯାହା ଆମକୁ ଈଶ୍ୱରଙ୍କ ଆଡ଼କୁ ବାଟ କଢ଼େଇ ନେଇଥାଏ, ସମ୍ବନ୍ଧରେ ଭଲ ଭାବେ ଜାଣିବା ପାଇଁ ଆସନ୍ତୁ ଆମେ ବାଉଁଶ ରାଣୀ ଖେଳ ଚାଲିଥିବା ସ୍ଥାନ ଆଡ଼େ ଟିକେ ବୁଲିଦେଇ ଆସିବା ।

ଏ ବାଉଁଶରାଣୀ ଖେଳ ଭାରତର ଚାରିଆଡେ ଦେଖାଯାଏ । ଦୁଇ ପଟେ ଦୁଇଟି ଶକ୍ତ ବାଉଁଶ ବା ଖୁଣ୍ଟ ପୋତା ଯାଇଥିବ । ଦୁଇଟି ବାଉଁଶକୁ ସଂଯୋଗ କରୁଥିବ ଏକ ସରୁଆ ଦଉଡି । ଏ ଦଉଡିଟି ଭୂଇଁଠାରୁ ପନ୍ଦର କୋଡିଏ ଫୁଟ ଉଚ୍ଚରେ ଥିବ । ବାଉଁଶରାଣୀ ବୋଲାଉଥିବା ମହିଳା ଜଣକ ନିଜ ଦୁଇ କାନ୍ଧରେ ନିଜ ଦୁଇ ଟିକି ପିଲାକୁ ବସାଇ ଦୁଇ ହାତରେ ଏକ ଲମ୍ବା ବାଉଁଶ ଧରି ଉକ୍ତ ଦଉଡି ଉପରେ ପାଦ ରଖି ଏପଟ ବାଉଁଶରୁ ସେପଟ ବାଉଁଶ ପାଖକୁ ଚାଲି ଚାଲି ଯିବ । କି ବିପଦପୂର୍ଣ୍ଣ ଖେଳ ଇୟେ ! । ସାମାନ୍ୟ ଟିକେ ଏପଟ ସେପଟ ହୋଇଗଲେ ଦଉଡି ଉପରୁ ବାଉଁଶରାଣୀ ନିଜେ ତ ଏତେ ଉଚ୍ଚରୁ ଖସି ଯାଇପାରେ ତା' ସହିତ ନଷ୍ଟ ହୋଇଯାଇପାରେ ଦୁଇ ଦୁଇଟି କଅଁଳ ଜୀବନ ।


ବିଶ୍ୱାସ ଏବଂ ଭରସା ଭିତରେ ଥିବା ମହାଫରକକୁ ଜାଣିବା ପାଇଁ ଏଇ ବାଉଁଶରାଣୀ ଖେଳକୁ ଏକ ଉଦାହରଣ ରୂପେ ନିଆଯାଇପାରେ । ଖେଳ ଚାଲିଛି । ଚାରିପଟେ ଶହ ଶହ ଦେଖଣାହାରୀ ଏ ଖେଳକୁ ଉପଭୋଗ କରିବା ପାଇଁ ଉପସ୍ଥିତ । ଠିକ ଏଇ ସମୟରେ ବାଉଁଶରାଣୀ ନିଜ ଦୁଇ କୋଡ଼ପୋଛା ଛୁଆଙ୍କୁ ଦୁଇ କାନ୍ଧରେ ବସାଇ ବାଉଁଶ ଉପରକୁ ଚଢ଼ିଲା । ତଳେ ଥିବା ତା' ସ୍ୱାମୀ ତା' ହାତକୁ ଏକ ସରୁଆ ଲମ୍ବା ବାଉଁଶ ବଢ଼ାଇଦେଲା । ବାସ, ଛୁଆ ଦୁଇଟିଙ୍କୁ କାନ୍ଧରେ ବସାଇ ବାଉଁଶରାଣୀ ଏବେ ଦଉଡି ଉପରେ ଚାଲିବା ଆରମ୍ଭ କଲା । ସବୁ ଦର୍ଶକ ତଟସ୍ଥ । କେହି କେହି ପାଟି ମେଲା କରି ବିସ୍ମୟରେ ଆଁ ଟି ମାନ କରି ଚାହିଁ ରହିଥାନ୍ତି । ଅନ୍ୟ କେହି ତାଳି ମାରି ଉତ୍ସାହିତ କରୁଥାନ୍ତି । ଧୀରେ ଧୀରେ ବାଉଁଶରାଣୀ ସେପଟ ଖୁଣ୍ଟ ପାଖରେ ପହଞ୍ଚି ଗଲା । ଦର୍ଶକମାନେ କିଏ ପାଞ୍ଚ କିଏ ଦଶ, କିଏ ପଚାଶ, ଶହେ – ଏମିତି ଅର୍ଥ ମାନ ପକାଇଲେ । କିଏ କିଏ ବାଉଁଶରାଣୀ ସହ ହାତ ମିଳାଇ ତା' ସାଧନାକୁ ତାରିଫ କରୁଥାନ୍ତି । ଏହି ସମୟରେ ବାଉଁଶରାଣୀ କହିଲା – ଆଜ୍ଞା, ଆପଣମାନଙ୍କୁ ନମସ୍କାର । ମୁଁ ଏବେ ଏପଟ ଖୁଣ୍ଟରୁ ସେପଟ ଖୁଣ୍ଟ ପାଖକୁ ପୂର୍ବ ଅବସ୍ଥା ପରି ଯାଇପାରିବି କି ନା ? ସମସ୍ତେ କହିଲେ – ହଁ, ଆପଣ ଯାଇ ପାରିବେ ।

– ମୋ ଉପରେ ଆପଣମାନଙ୍କ ବିଶ୍ୱାସ ଅଛି ତ ?

ସମସ୍ତେ ଏକ ସ୍ୱରରେ କହିଲେ, ହଁ, ବିଶ୍ୱାସ ଅଛି ।

– ଯଦି ବିଶ୍ୱାସ ଅଛି,ତେବେ ଆପଣମାନଙ୍କ ଭିତରୁ କେହି ନିଜ ଛୁଆଙ୍କୁ ମୋ କାନ୍ଧରେ ବସିବା ପାଇଁ ଅନୁମତି ଦେଇପାରିବେ କି ?

ବାସ୍, ବାଉଁଶରାଣୀର ଏତିକି କଥାରେ ଉପସ୍ଥିତ ଦର୍ଶକଙ୍କ ପାଟି ଚୁପ ।



କିଏ କାହିଁକି ନିଜ ଛୁଆଙ୍କ ଜୀବନକୁ ବାଜି ଲଗାଇ ବାଉଁଶରାଣୀର କାନ୍ଧକୁ ଟେକିଦେବ ଯେ ? ସୁତରାଂ କାହାର ଭରସା ନାହିଁ । ବାଉଁଶରାଣୀ ନିଜ ଛୁଆଙ୍କୁ କାନ୍ଧରେ ବସାଇ ଦଉଡି ଉପରେ ଚାଲି ପାରିବ – ଏ ବିଶ୍ୱାସ ଆମର ଅଛି କିନ୍ତୁ ଆମ ଛୁଆଙ୍କୁ ସେଇ ବାଉଁଶରାଣୀର କାନ୍ଧକୁ ଟେକିଦେବା ପାଇଁ ଆମର ସେତିକି ଭରସା ନାହିଁ ।

ଏହା ହେଉଛି ବିଶ୍ୱାସ ଆଉ ଭରସା ଭିତରେ ଥିବା ପାର୍ଥକ୍ୟ । ଈଶ୍ୱରଙ୍କ ଉପରେ ବିଶ୍ୱାସ ନୁହେଁ, ଭରସା ସ୍ଥାପନ କରିବା ଦରକାର । ଭରସା ଅଭାବରୁ ଦୁଃଖରେ ପଡିଲେ ଈଶ୍ୱରବିଶ୍ୱାସୀ ମଣିଷମାନେ ଆଖିରୁ ଲୁହ ଗଡ଼ାନ୍ତି । ଭୋ ଭୋ ହୋଇ କାନ୍ଦନ୍ତି । କିନ୍ତୁ ଯିଏ ଭରସା ରଖିଥାଏ ସିଏ କେବେ କାନ୍ଦେନା । ଦୁଃଖରେ ସେ ହସେ । କାରଣ ସେ ଭଲ ଭାବେ ଜାଣିଥାଏ ଯେ ସେ ଯେଉଁ ଈଶ୍ୱରଙ୍କୁ ଭରସା କରିଛି, ସେ ହେଉଛନ୍ତି ମଙ୍ଗଳମୟ । ସେ କାହାର ଅମଙ୍ଗଳ କରନ୍ତି ନାହିଁ । ମୋତେ ଦୁଃଖ ଦେବା ମୂଳରେ ହିଁ ତାଙ୍କର ଅହେତୁକ କୃପା ନିହିତ ଅଛି । ଏ ଦୁଃଖ ହିଁ ମୋ ପାଇଁ ସୁଖ । ପରୀକ୍ଷାରେ ପୁଅ ଫେଲ ହେଲେ, ଗାଡ଼ି ଦୁର୍ଘଟଣାରେ ସ୍ୱାମୀ ଆହତ ହୋଇ ଡାକ୍ତରଖାନାରେ ପଡିଲେ, ଘରେ ଖାଇବାକୁ ନ ଥିଲେ, ନିଜ ଚାକିରିରୁ ସସ୍ପେଣ୍ଡ ଆଦେଶ ମିଳିବା ପରି ଏ ଯାବତୀୟ ଦୁଃଖ ଈଶ୍ୱରଙ୍କ ଉପରେ ଭରସା ରଖିଥିବା ମଣିଷକୁ ଆଦୌ ଦୋହଲାଇ ପାରେନା । ଅନେକ ଆସ୍ତିକ ଲୋକଙ୍କୁ ଏ ଲେଖକ ଦୁଃଖରେ କାନ୍ଦୁଥିବାର ଦେଖିଛି, ବ୍ୟବସାୟରେ କ୍ଷତି ହେଲେ ବେକରେ ତୁଳସୀ ମାଳା ପକାଇଥିବା ଅନେକ ବ୍ୟବସାୟୀଙ୍କୁ ମୁଣ୍ଡ କୋଡ଼ି ହେଉଥିବାର ଦୃଶ୍ୟକୁ ମଧ ଏ ଆଖି ଦେଖିଛି । ସଭାରେ ଧର୍ମ କଥା କହୁଥିବା ଅନେକ ମଣିଷ ପାରିବାରିକ ଜଞ୍ଜାଳରେ ଛନ୍ଦି ହୋଇ ବ୍ୟସ୍ତତା ପ୍ରକାଶ କରୁଥିବାର କଥା ମଧ ଏ କାନ ଶୁଣିଛି, କପାଳରେ ଚିତା ଚୈତନ କାଟିଥିବା ମଣିଷଟି ମୁହଁରେ ନିଜ ଝିଅ ଶାଶୁ ଘରେ ଭଲରେ ଚଳିପାରୁନି ବୋଲି କହି ମୁଣ୍ଡରେ ହାତ ଦେଇ ବସୁଥିବାର ଦୃଶ୍ୟ ମଧ ଏ ଆଖି ଦେଖୁଚି । ଏଗୁଡିକ ଦେଖିଲେ ଲାଗେ ଯେ ଏମାନେ ଆଧାତ୍ମିକ ପଥରେ ପାଦ ଥାପିଛନ୍ତି ସତ, କିନ୍ତୁ ପାଦଟିକୁ ଦୃଢ଼ ଭାବେ ସଂସ୍ଥାପିତ କରି ପାରିନାହାନ୍ତି, ଖାସ୍ କେବଳ ଈଶ୍ୱରଙ୍କ ପ୍ରତି ଥିବା ସେମାନଙ୍କ 'ଭରସା' ଅଭାବରୁ । ଈଶ୍ୱରଙ୍କ ଠି ବିଶ୍ୱାସ ଅଛି କିନ୍ତୁ ଭରସା ଟିକକ ନାହିଁ ।

ଈଶ୍ୱରଙ୍କ ଦର୍ଶନ ପାଇବା ପାଇଁ ଜଣେ ବ୍ୟକ୍ତି ପାହାଡ଼ ଅଗ୍ର ଭାଗରେ ବସି ଘୋର ତପସ୍ୟା ଆରମ୍ଭ କରିଦେଲା । ଏମିତି କିଛି ବର୍ଷ ସାଧନାରେ ବିତିଗଲା । ଦିନେ ବ୍ୟକ୍ତି ଜଣକ ଏମିତି ପାହାଡ଼ ଉପରେ ଠିଆ ହୋଇ ତଳକୁ ଦୃଷ୍ଟି ନିକ୍ଷେପ କରି ଚାହିଁ ରହିଥିବା ବେଳେ ଅସାବଧାନତାବଶତଃ କେଜାଣି କେମିତି ସେ ତଳକୁ ଖସି ପଡିଲା । ଉପରୁ ତଳକୁ ଖସୁଥିବା ବେଳେ ପାହାଡ଼ ସନ୍ଧିରେ ଥିବା ଏକ ଗଛର ମୂଳକୁ ଦୈବାତ୍ ଜାବୁଡି ଧରି ଓହଳି ରହିଲା । ରକ୍ଷା କରିବା ପାଇଁ ମନେ ମନେ ସେ ଈଶ୍ୱରଙ୍କୁ କାତର ପ୍ରାର୍ଥନା କଲା ।

ପ୍ରାର୍ଥନା ଶୁଣି ଈଶ୍ୱର ତତ୍କ୍ଷଣାତ ବ୍ୟକ୍ତିଟି ଓହଳି ରହିଥିବା ସ୍ଥାନର ଠିକ୍ କିଛି ଦୂର ତଳେ ଆବିର୍ଭାବ ହୋଇ ନିଜ ଦୁଇ ହାତକୁ ପ୍ରସାରିତ କରି କହିଲେ – ବତ୍ସ ! ତୁମର ବିକଳ ପ୍ରାର୍ଥନା ଶୁଣି ମୁଁ ଏବେ ତୁମ ତଳେ ବାହୁ ପ୍ରସାରି ତୁମକୁ ରକ୍ଷା କରିବା ପାଇଁ ଅପେକ୍ଷାରତ । ଏବେ ତୁମେ ଗଛର ମୂଳକୁ ଛାଡ଼ି ଦେଇ ମୋ କୋଳକୁ ଡେଇଁ ପଡ଼ ।

ବ୍ୟକ୍ତି ଜଣକ କହିଲେ – ନାଇଁ ପ୍ରଭୁ ! ପହିଲେ ମୋତେ ଆଗ ଧରନ୍ତୁ । ପରେ ମୁଁ ଗଛର ମୂଳକୁ ଛାଡ଼ିବି ।

ଏହା ହିଁ ହେଉଛି 'ବିଶ୍ୱାସ' ଏବଂ 'ଭରସା'ର କଥା ।


*– ପ୍ରିନ୍ସିପାଲ, ଆପେକ୍ସ ଆଇ.ଟି.ଆଇ., ପତ୍ରକଣା, କସର୍ଦା, କଟକ*
*ମୋ : ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା

### ଆମେ ଓଡ଼ିଆ

**ସଂକଳନ, ସମ୍ପାଦନ ଓ ପ୍ରକାଶନ–ନୃସିଂହ ଚରଣ ସାହୁ, ମୂଲ୍ୟ – ୧୦୦୦ଟଙ୍କା**

**ସଂ**ସ୍କୃତି କ୍ଷେତ୍ରରେ ବିଶେଷ ପାରଦର୍ଶିତା ହାସଲ କରିଥିବା ସାତ ଶହ ଅଶି ଜଣ ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଅଭିନେତା ନିର୍ଦ୍ଦେଶକଙ୍କ ଜୀବନୀକୁ ନେଇ ନୃସିଂହ ଚରଣ ସାହୁଙ୍କ 'ଆମେ ଓଡ଼ିଆ'ର ଏକାଦଶ ଭାଗ ଇତି ମଧ୍ୟରେ ପ୍ରକାଶ ପାଇଛି । ସୂଚେଇଦେବା ଉଚିତ ଯେ ଓଡ଼ିଶାର ବରପୁତ୍ରଙ୍କ ଜୀବନୀ ଏନସାଇକ୍ଲୋପିଡ଼ିଆ 'ଆମେ ଓଡ଼ିଆ'ର ଏହା ପୂର୍ବରୁ ଦଶ ଖଣ୍ଡ ଭାଗ ପ୍ରକାଶିତ





ହୋଇସାରିଛି । ଏଯାବତ୍ ୬୪୮୦ରୁ ଅଧିକ ବରପୁତ୍ରଙ୍କ ଜୀବନୀ ପ୍ରକାଶିତ ହୋଇସାରିଛି । ଓଡିଶାକୁ ସ୍ୱତନ୍ତ୍ର ପ୍ରଦେଶ କରିଥିବା ଏବଂ ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନରେ ଯୋଗ ଦେଇଥିବା ଶତାଧିକ କର୍ମବୀର ତଥା ଅନେକ ସ୍ୱାଧୀନତା ସଂଗ୍ରାମୀ, କବି, ଗାଳ୍ପିକ, ଔପନାସିକ, ନାଟ୍ୟକାର, ବୈଜ୍ଞାନିକ, ସାହିତ୍ୟିକ, ଆଇନଜ୍ଞ, ସମାଜସେବୀ, ରାଜନେତାଙ୍କ ଜୀବନୀକୁ ନେଇ ଏହି ପୁସ୍ତକଗୁଡ଼ିକ ପ୍ରକାଶ ପାଇଛି ।

### ପଶ୍ଚିମ ଓଡ଼ିଶାର ଲୋକଗୀତ

**ପ୍ରଦୀପ କୁମାର ସ୍ୱାଇଁ, ପ୍ରକାଶକ– ସିନ୍ଧୁଜା, ବିଜେବି ନଗର ଭୁବନେଶ୍ୱର–୧୪, ମୂଲ୍ୟ–୩୦୧ଟଙ୍କା**

ପଶ୍ଚିମ ଓଡ଼ିଶାର ଲୋକଗୀତ ପ୍ରଦୀପ କୁମାର ସ୍ୱାଇଁଙ୍କ ପୁସ୍ତକ । ଏଥିରେ ୪ଟି ବିଷୟରେ ଆଲୋଚନା କରାଯାଇଛି । ଆଦିବାସୀମାନେ ନୃତ୍ୟପ୍ରିୟ । ଏହା କେବଳ ଆତ୍ମ ବିନୋଦନ ପାଇଁ




ନୁହେଁ, ବରଂ ପ୍ରତ୍ୟେହ କଠିନ ପରିଶ୍ରମ କରିବା ପାଇଁ ଲୋକମନରେ ଶକ୍ତି ସଂଚାର କରିବାରେ ଏହା ସହାୟକ ହୋଇଥାଏ । ଶ୍ରମରେ, ପୂଜାରେ ତଥା ସାମାଜିକ ଆବଶ୍ୟକତା ଆଦିରେ ଏହା ସ୍ୱତନ୍ତ୍ର ସ୍ଥାନ ଦାବି କରେ । ଏଥିରେ ଲୋକଗୀତକୁ ନେଇ ଯେଉଁ ପ୍ରୟାସ କରାଯାଇଛି ତାହା ପ୍ରଶଂସନୀୟ । ପୁସ୍ତକଟି ପାଠକୀୟତା ହାସଲ କରିବ ବୋଲି ଲେଖକ ଦାବି କରନ୍ତି ।

### କଥା ନିରବଧି

**ନିରଞ୍ଜନ ସାହୁ, ପ୍ରକାଶକ– କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ବାଲୁବଜାର, କଟକ–୨, ମୂଲ୍ୟ– ୧୮୦ଟଙ୍କା**

**କ**ଥା ନିରବଧି ନିରଞ୍ଜନ ସାହୁଙ୍କ ଲଳିତ ନିବନ୍ଧ ପୁସ୍ତକ । ଏଥିରେ ୫୦ଟି ନିବନ୍ଧ ସ୍ଥାନ ପାଇଛି । ପ୍ରଥମ ବିଷୟରେ ଅହିନକୁଳ ସମ୍ପର୍କ ରହିଛି । ଏଥିରେ ଲେଖକ କୌଟିଲ୍ୟ ଆଉ ମାକିଆଭେଲିଙ୍କ କଥାର ଉଦାହରଣ ଦେଇଛନ୍ତି । ଆପଣଙ୍କର ଶତ୍ରୁର ଶତ୍ରୁ




ହେଉଛନ୍ତି ମିତ୍ର । ମିତ୍ରର ଶତ୍ରୁ ହେଉଛନ୍ତି ଶତ୍ରୁ । ପୁସ୍ତକରେ ଯେଉଁ ନିବନ୍ଧଗୁଡିକ ସ୍ଥାନ ପାଇଛି ସେଥିରେ ମଣିଷର ଦୈନନ୍ଦିନ ଜୀବନରେ ଘଟୁଥିବା ଘଟଣାବଳୀର ବହୁ ଉଦାହରଣ ପ୍ରାଞ୍ଜଳ ଭାବେ ଦିଆଯାଇଛି । ପୁସ୍ତକର ଧର୍ମ ଅଧର୍ମ ପଢନ୍ତୁ କିମ୍ବା ଆର ଜନ୍ମରେ ଲଙ୍କା ଗଛ ହୋଇ ଶୁଝିବି ଆଦି ଯେ କୌଣସି ବିଷୟ ପଢିବେ ତାହା ନିଶ୍ଚୟ ଆପଣଙ୍କୁ ମୁଗ୍ଧ କରିବ ।

ବ୍ୟାକ୍ ପେଜ୍

# ବାହୁରେ କ୍ୟୁଆର୍ କୋଡ ଟାଟୁ

ଆଜିକାଲି ଟାଟୁ କରାଇବା ଅନେକଙ୍କର ଏକ ନିଶା ପାଲଟିଗଲାଣି। ଏଇ ନିଶାରେ କେହି କେହି ସାରା ଶରୀରକୁ ଟାଟୁମୟ କରିଦେଉଛନ୍ତି। ପୁରୁଷ ମହିଳା ସମସ୍ତଙ୍କୁ ଏହି ନିଶା ଘାରିଛି। ଏଇ ଯେମିତି ସେଲ ଜୁପିଟର ନାମ୍ନୀ ଜଣେ ୨୫ ବର୍ଷୀୟା ଯୁବତୀ ନିଜ ଶରୀରରେ ନାନା ପ୍ରକାରର ଟାଟୁ କରାଇଛନ୍ତି। ତେବେ ତାଙ୍କର ଗୋଟିଏ ଟାଟୁ ସମସ୍ତଙ୍କର ଧ୍ୟାନ ଆକର୍ଷଣ କରେ। ତାହା ହେଉଛି ତାଙ୍କ ବାହୁରେ ଥିବା କ୍ୟୁଆର କୋଡ ଟାଟୁ। ସବୁଠୁ କୌତୁହଳର କଥା ହେଉଛି ସେହି ଟାଟୁକୁ ସ୍କାନ କଲେ ଗୋଟିଏ ଗୀତ ବାଜି ଥାଏ। ଗୀତଟି ହେଉଛି ପ୍ରସିଦ୍ଧ ଗାୟକ ରିକ ଏଷ୍ଟଲୀଙ୍କ 'ନେଭର ଗୋନା ଗିଭ ୟୁ ଅପ୍'। ସେଲ କହନ୍ତି, ଏହି ଟାଟୁ ମାଧ୍ୟମରେ ମୁଁ 'ରିକ୍‌ରୋଲ' କରେ। ରିକ୍‌ରୋଲ ହେଉଛି ଏକ ପ୍ରକାରର ଇଣ୍ଟରନେଟ୍ ମିମ୍। ଯେଉଁଥିରେ ଲୋକଙ୍କୁ ଟ୍ରିକ୍ କରି ଏକ ଲିଙ୍କ ମାଧ୍ୟମରେ ଏଷ୍ଟଲୀଙ୍କ 'ନେଭର ଗୋନା ଗିଭ ୟୁ ଅପ୍' ମ୍ୟୁଜିକ ଭିଡିଓ ପର୍ଯ୍ୟନ୍ତ ନିଆଯାଏ। ମୋ ସାଙ୍ଗମାନେ ସବୁବେଳେ ରିକରୋଲ କରନ୍ତି। ତେବେ ମୁଁ ଯେମିତି ଏଥିରେ ଆଗରେ ରହିବି। ସେଥିପାଇଁ ଏହି କ୍ୟୁଆର କୋଡ ଟାଟୁ କଲି।' ଏହି ଟାଟୁ କରିବାକୁ ତାଙ୍କୁ ୨୧୦୦୦ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ଆଉ ୪ ଘଣ୍ଟା ସମୟ ଲାଗିଥିଲା ଏହାକୁ କରାଇବା ପାଇଁ।










# ସୁଜ୍ ସାଇକେଲ

ଦୂରରୁ ଦେଖିଲେ ହୁଏ ତ ଏହି ସାଇକେଲ ସାଧାରଣ ଲାଗିପାରେ। ହେଲେ ପାଖରୁ ଦେଖିଲେ ଜାଣିପାରିବେ ସାଇକେଲଟି ବେଶ୍ ଅଜବ ଓ ଭିନ୍ନ। ଏହି ସାଇକେଲରେ ନାହିଁ ସାଧାରଣ ଟାୟାର ଟ୍ୟୁବ୍ ଥିବା ଚକ। ବରଂ ପ୍ରତିଦିନ ପିନ୍ଧା ଯାଉଥିବା ସୁଜ୍ ବା ସ୍ନିକର୍‌କୁ ଗୋଲାକାରରେ ରଖି ତିଆରି କରାଯାଇଛି ଏହାର ଚକକୁ। ଆଉ ପ୍ରତି ଚକରେ ଲାଗିଛି ୬ଟି ଲେଖାଏଁ ସୁଜ୍। ଚକ ସ୍ଥାନରେ ସୁଜ୍‌କୁ ବ୍ୟବହାର କରାଯାଇଥିଲେ ହେଁ କାର୍ଯ୍ୟକ୍ଷମ। ତେଣୁ ଏହି ସାଇକେଲ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥାଏ। ତେବେ ଏହା କାର୍ଯ୍ୟକ୍ଷମ ହୋଇଥିଲେ ହେଁ ଅଧିକ ବେଗରେ ଚାଲିପାରେ ନାହିଁ।



# ଫନେଲ ଚଷମା

ଅନେକ ସମୟରେ ଆଖିରେ କିଛି ସମସ୍ୟା ଦେଖାଦେଲେ ଡାକ୍ତର ଆଇ ଡ୍ରପ୍ ଦିଅନ୍ତି ଆଖିରେ ପକାଇବାକୁ। ଯାହାକୁ କି ନିଜେ ଆଖିରେ ପକାଇବା କଷ୍ଟକର। ତେଣୁ ଅନ୍ୟ କାହାରି ସାହାଯ୍ୟ ନେବାକୁ ହୁଏ। ଯଦି ବି ନିଜେ ପକାଇବାକୁ ଚେଷ୍ଟା କରାଯାଏ ତେବେ ଠିକ୍‌ରେ ଆଖି ଭିତରେ ପଡ଼େନା। ଏହି ସମସ୍ୟାକୁ ନଜରରେ ରଖି ଜାପାନରେ ଏଭଳି ଏକ ଚଷମା ତିଆରି କରାଯାଇଛି, ଯାହାକୁ ପିନ୍ଧି ଆଇ ଡ୍ରପ ପକାଇଲେ ଠିକ୍ ଭାବେ ଆଖିରେ ପଡ଼ିବ। ଭାବୁଥିବେ ଚଷମା ପିନ୍ଧି କେମିତି ଆଇ ଡ୍ରପ ପକାଯିବ! ତେବେ ପ୍ରକୃତ କଥା ହେଲା ଏହି ଚଷମାର ଉଭୟ କାଚର ମଝିରେ ଗୋଟିଏ ଲେଖାଁ କଣା ଅଛି ଓ ସେହି ସ୍ଥାନରେ ଛୋଟ ଛୋଟ ଫନେଲ ବା କାହାଳୀ ଲାଗିଛି। ଯଦ୍ୱାରା ଫନେଲରେ ଆଇ ଡ୍ରପ ପକାଇଲେ ସିଧା ଯାଇ ଆଖି ଡୋଳାରେ ପଡ଼ିବ। ଯଦ୍ୱାରା ଏହି କାମ ପାଇଁ ଆଉ କାହାରି ସାହାଯ୍ୟ ଦରକାର ପଡ଼ିବ ନାହିଁ।